ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.25 . No.17 Bhubaneswar Sunday, February 20, 2022 | ୨୫ତମ ବର୍ଷ ସଂଖ୍ୟା-୧୭ ଭୁବନେଶ୍ୱର, ରବିବାର, ଫେବୃଆରୀ ୨୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ମୁହଁ ବନ୍ଦ କରିବାକୁ ଉଦ୍ୟମ ! ହାଇକୋର୍ଟଙ୍କ ଦ୍ୱାରା ଗଠିତ କମିଟି ସାମ୍ନାରେ ଜେଏସଡବ୍ଲ୍ୟୁ ବିରୋଧୀଙ୍କୁ ନିସ୍ତୁକ ମାଡ

ପାରାଦୀପ,୧୯।୨(ପି.ଏନ) : ଢିଙ୍କିଆ ସ୍ଥିତି ପରଖିବା ପାଇଁ ହାଇକୋର୍ଟଙ୍କ ଦ୍ୱାରା ଗଠିତ ୫ ଜଣିଆ କମିଟି ଆଜି ସେଠାକୁ ଯାଇଥିବା ବେଳେ ସେମାନଙ୍କ ସମ୍ମୁଖରେ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରୁଥିବା ଲୋକଙ୍କୁ ସପକ୍ଷବାଦୀମାନେ ନିସ୍ତୁକ ମାଡ ମାରିଥିବା ଅଭିଯୋଗ ହୋଇଛି। ସେତେବେଳେ ସେଠାରେ ମାଜିଷ୍ଟ୍ରେଟ ଓ ପୁଲିସ ଅଧିକାରୀ ଉପସ୍ଥିତି ଥିଲେ ହେଁ ସେମାନେ ନୀରବଦ୍ରଷ୍ଟା ସାଜିଥିଲେ ବୋଲି ମଧ୍ୟ ଅଭିଯୋଗ ହୋଇଛି।ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଆଜି କମିଟିର ସଦସ୍ୟମାନେ ଢିଙ୍କିଆରେ ପହଞ୍ଚିଥିଲେ। ସେମାନେ ଫୁଲଖାଇ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବସିଥିଲେ। କମିଟି ଆଗରେ ନିଜର ମତ ରଖିବା ପାଇଁ ସୂଚନା ଅଧିକାର କର୍ମୀ ମାନସ ରଞ୍ଜନ କର ଓ ଜେଏସଡବ୍ଲ୍ୟୁ ବିରୋଧୀ ନେତା ପ୍ରଦୀପ୍ତ ଶତପଥୀ ଓ ତାଙ୍କ ପରିବାର ଲୋକ ଯାଇଥିଲେ। ଏହି ସମୟରେ ଜେଏସଡବ୍ଲ୍ୟୁ ପ୍ରକଳ୍ପ ସପକ୍ଷରେ ଯୁକ୍ତି ବା ?ୁଥିବା ଲୋକେ ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କୁ ନିସ୍ତୁକ ମାଡ ମରାଯାଉଥିବା ବେଳେ ପୁଲିସ୍ ଚୁପ୍ ରହିଥିଲା ବୋଲି ଅଭିଯୋଗ ହୋଇଛି। ମାଡ ଖାଇ ସେମାନେ ଚେତା ହରାଇବା ପରେ ପୁଲିସ୍ ହସ୍ତକ୍ଷେପ କରିଥିଲା ବୋଲି ଅଭିଯୋଗ ହୋଇଛି।ଏହି ଘଟଣା ପରେ ଜେଏସଡବ୍ଲ୍ୟୁ ପ୍ରକଳ୍ପ ବିରୋଧୀ ଅନ୍ୟ କୌଣସି ଲୋକ କମିଟି ଆଗରେ ଯାଇ ମତାମତ ଦେବାକୁ ଆଗ୍ରହ ଦେଖାଇ ନଥିଲେ। ସେମାନେ ଭୟଭୀତ ହୋଇ ଯାଇଥିଲେ। ଏହା ଜାଣିବା ପରେ କମିଟିର ସଦସ୍ୟମାନେ ଘର ଘର ବୁଲି ମତାମତ ସଂଗ୍ରହ କରିଥିଲେ। ପ୍ରକଳ୍ପ ବିରୋଧୀମାନେ ନିଜ ମତାମତ ରଖିବା ସହିତ ଏହା ମଧ୍ୟ କହିଥିଲେ ଯେ ସେମାନଙ୍କ ନେତାଙ୍କ ଉପରେ ଯେତେବେଳେ ଏମିତି ଆକ୍ରମଣ



କରାଯାଉଛି, ସେମାନେ ଆଉ କ'ଣ କହିବେ। ପୁଲିସ୍ ଓ ପ୍ରଶାସନ ସେମାନଙ୍କୁ ବି ଟାର୍ଗେଟ୍ କରିବ।କମିଟିର ସଦସ୍ୟ ଆଡ୍‌ଭୋକେଟ୍ ପ୍ରଶାନ୍ତ ଜେନା କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯେଉଁମାନେ ଗତ ମାସ ୧୪ ତାରିଖରୁ ଗାଁ ବାହାରେ ଅଛନ୍ତି, ସେମାନେ କେମିତି ଶାନ୍ତିର ସହିତ ଫେରିବେ ଓ ସେମାନଙ୍କ ବିରୋଧରେ ଯେମିତି କିଛି ମିଥ୍ୟା ମାମଲା ହେବନି କି ସେମାନଙ୍କୁ ଗିରଫ କରାଯିବନି, ତାହା ସୁନିଶ୍ଚିତ କରାଯିବ। ଏଥିପାଇଁ ଆମେ ହାଇକୋର୍ଟଙ୍କୁ ଏକ ତାଲିକା ଦେଇଛୁ, ଯେଉଁଥିରେ ଘରକୁ ଫେରିବାକୁ ଚାହୁଁଥିବା ଲୋକଙ୍କ ନାଁ ରହିଛି। ଏହା ସହିତ ହାଇକୋର୍ଟ ଏଠାକାର ପରିସ୍ଥିତି ଅନୁଧ୍ୟାନ କରିବାକୁ କହିଥିଲେ। ଆଜି ଯେତେବେଳେ ଢିଙ୍କିଆରେ କମିଟି ଲୋକଙ୍କ କଥା ଶୁଣିବା ପାଇଁ ବସିଥିଲା, ସେତେବେଳେ ଜେଏସଡବ୍ଲ୍ୟୁ ପ୍ରକଳ୍ପ ବିରୋଧୀ ନେତା ପ୍ରଦୀପ ଶତପଥୀ ଆସି କହିଥିଲେ ଯେ ସେମାନେ କମିଟି ପାଖକୁ ଆସିବାକୁ ଚାହୁଁଛନ୍ତି, କିନ୍ତୁ ସେମାନଙ୍କୁ ବାଟରେ କିଛି ଗୁଣ୍ଡା ଅଟକାଉଛନ୍ତି। ଏହା ପରେ ପରେ କିଛି ଲୋକ ତାଙ୍କୁ ଧରି ନେଇ ନିସ୍ତୁକ ପିଟିଥିଲେ। ପୁଲିସ୍ ଉପସ୍ଥିତିରେ ସେମାନେ ତାଙ୍କୁ ପିଟିଥିଲେ। ଏହା ପରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ତେଣୁ ଆମକୁ ଉପସ୍ଥିତ ପୁଲିସ୍ ଅଧିକାରୀମାନେ ସୁରକ୍ଷା ଦୃଷ୍ଟିରୁ ମନ୍ଦିର ଭିତରେ ରହିବାକୁ କହିଥିଲେ। ତେଣୁ ବାହାରେ କ'ଣ ହେଲା ଜାଣି ହେଲାନି। ଶ୍ରୀ ଜେନା ଆହୁରି କହିଛନ୍ତି, ଏହି ଗଣ୍ଡଗୋଳ ପରେ ଆମେ ଘର ଘର ବୁଲି ମତାମତ ସଂଗ୍ରହ କଲୁ। ଏହି ସମୟରେ କିଛି ଲୋକେ କହିଥିଲେ, ଯିଏ ମୁହଁ ଖୋଲିବ ତାକୁ ପୁଲିସ୍ ବାନ୍ଧି ନେବ ଓ ରାତିରେ ଘର କବାଟ ବାଡ ?ଇବ। ଆପଣ କାହିଁକି ଆମକୁ ପଚାରୁଛନ୍ତି ? କିନ୍ତୁ ଆଉ କିଛି ଲୋକ (ସେମାନଙ୍କ ସଂଖ୍ୟା ସ୍ୱଳ୍ପ) କହୁଛନ୍ତି ଯେ ଏଠାରେ ସବୁ ଠିକ୍ ?ଠାକ୍ ଚାଲିଛି। ସେ ଆହୁରି କହିଛନ୍ତି, ଆମେ (କମିଟି) ଏଭଳି ସ୍ଥିତି ଉତ୍ପନ୍ନ ହେବ ବୋଲି ଆଶା କରି ନଥିଲୁ। ତେବେ ଆମେ ଯାହା ଜାଣୁଛୁ, ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ। ଜେଏସଡବ୍ଲ୍ୟୁ ପ୍ରକଳ୍ପ ବିରୋଧୀ ଯେପରି କମିଟି ଆଗକୁ ନ ଆସି ପାରିବେ, ସେଥିପାଇଁ ପ୍ରୟାସ କରାଯାଇଛି। ଆଉ ଯେଉଁମାନେ ଆସିଥିଲେ ସେମାନଙ୍କୁ ଜୋରଜବରଦସ୍ତ ଅଟକା ଯାଇଥିଲା। ଏ କଥା ହାଇକୋର୍ଟଙ୍କୁ ଜଣାଇ ଦିଆଯିବ। ଯାହା ଦେଖିଲୁ ଓ ଯାହା ଶୁଣିଲୁ, ତାହା ଆମେ ହାଇକୋର୍ଟଙ୍କୁ ଜଣାଇବୁ। ଅନ୍ୟପକ୍ଷରେ ଏରସମା ତହସିଲଦାର କହିଛନ୍ତି ଯେ ପୁଲିସ୍ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ସେହିପରି ଜେଏସଡବ୍ଲ୍ୟୁ ପ୍ରକଳ୍ପ ସପକ୍ଷବାଦୀ ତଥା ଢିଙ୍କିଆବାସୀ ଅକ୍ଷୟ ବେହେରା କହିଛନ୍ତି, ଆମେ କମିଟିକୁ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ଦେଇଥା'ନ୍ତୁ। କିନ୍ତୁ ହଠାତ୍ ମାନସ କର ଓ ପ୍ରଦୀପ୍ତ ଶତପଥୀ ଆସିଲେ। ସେମାନଙ୍କ ସାଙ୍ଗରେ କିଛି ଗୁଣ୍ଡା ଶ୍ରେଣୀର ଲୋକ ଥିଲେ। ସେମାନେ ଗାଁ ବାହାର ଲୋକ। ନିର୍ବାଚନ ନାଁରେ ବେଶ୍ କିଛି ଦିନ ହେଲା ଆସି ଗାଁରେ ରହୁଛନ୍ତି। ସେମାନେ ହଠାତ୍ ଆମ ଗାଁ ପିଲାଙ୍କୁ ଆକ୍ରମଣ କରିଥିଲେ। ସେଥିପାଇଁ ଆମେ ପ୍ରତିବାଦ କରିଥିଲୁ। ଆନ୍ଦୋଳନ ନାଁରେ ଏଠି ରାହାଜାନୀ ଚାଲିଛି। ୧୫ ବର୍ଷ ହେଲା ଆମେ ଶାନ୍ତିରେ ରହିପାରୁନୁ। ଆମେ ଚାହୁଁଛୁ ଏଠାରେ କଂପାନୀ ହେଉ। ଆମ ବାପଅଜା ପାନବରଜ କରି ଚଳୁଥିଲେ। ଆମ ଛୁଆପିଲା କିନ୍ତୁ ଆଉ ପାନବରଜ କରି ଚଳିବାକୁ ଚାହୁଁ ନାହାନ୍ତି।

## ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩% ମତଦାନ

ଭୁବନେଶ୍ୱର, ୧୯।୨(ପି.ଏନ): ଶୁକ୍ରବାର ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ରେକର୍ଡ ୭୮.୩% ଲୋକ ମତଦାନ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ବୁଥରେ ପୁନଃ ମତଦାନ ପାଇଁ ପ୍ରସ୍ତାବ ଆସିଛି। ଦୁଇଟି ବୁଥରୁ ବାଲାଟ ତ୍ରୁଟି ନେଇ ରିପୋର୍ଟ ଆସିଛି।ଦ୍ୱିତୀୟ ପର୍ଯ୍ୟାୟରେ ସୁବର୍ଣ୍ଣପୁର ଜିଲ୍ଲାରେ ସର୍ବାଧିକ ୮୫.୬୭% ମତଦାନ ହୋଇଥିବାବେଳେ ଗଞ୍ଜାମ ଜିଲ୍ଲାରେ ସବୁଠୁ କମ୍ ୬୪.୮୬% ମତଦାନ ହୋଇଛି। ସେହିପରି ଅନୁଗୁଳରେ ୮୦.୩୨%, ବାଲେଶ୍ୱରରେ ୭୮.୭୪%, ବଲାଙ୍ଗୀରରେ ୭୪.୬୩%, ବରଗଡ଼ରେ ୭୬.୨%, ଭଦ୍ରକରେ ୮୧.୦୪%, ବୌଦ୍ଧରେ ୮୪.୯%, କଟକରେ ୭୯.୬୪%, ଦେବଗଡ଼ରେ ୭୮.୩୩%, ଢେଙ୍କାନାଳରେ ୮୧.୦୮%, ଗଜପତିରେ ୮୨.୬୯%, ଜଗତସିଂହପୁରରେ ୭୮.୬୨%, ଯାଜପୁରରେ ୭୬ %, ଝାରସୁଗୁଡ଼ାରେ ୮୫.୧୪%, କଳାହାଣ୍ଡିରେ ୮୩.୮୧%, କନ୍ଧମାଳରେ ୭୯.୫%, କେନ୍ଦ୍ରାପଡ଼ାରେ ୭୪.୮୮%, କେନ୍ଦୁଝରରେ ୭୮.୧୮%, ଖୋର୍ଦ୍ଧାରେ ୭୩.୯୭%, କୋରାପୁଟରେ ୭୯.୦୧%, ମାଲକାନଗିରିରେ ୭୩.୪୩%, ମୟୂରଭଞ୍ଜରେ ୭୬.୮୫%, ନବରଙ୍ଗପୁରରେ ୮୧.୭୩%, ନୟାଗଡ଼ରେ ୭୭.୯୫%, ନୂଆପଡ଼ାରେ ୭୭.୬୭%, ପୁରୀରେ ୭୯.୧୬%, ରାୟଗଡ଼ାରେ ୭୭.୧୬%, ସମ୍ବଲପୁରରେ ୭୮.୪୩%, ସୁବର୍ଣ୍ଣପୁରରେ ୮୫.୬୭%, ସୁନ୍ଦରଗଡ଼ରେ ୭୪.୨୫% ମତଦାନ ହୋଇଛି।ସୂଚନାଯୋଗ୍ୟ, ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୭୭.୨% ଲୋକ ମତଦାନ କରିଥିଲେ।

## ଗୋଟିଏ ଦିନରେ ୫୩୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୯।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୫୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୧୯୮୯ କୁ ବୃଦ୍ଧି ପାଇଛି ।ସେହିପରି ୧୮ ବର୍ଷରୁ କମ ୧୪୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୫୮୪୩ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୯୯ ରହିଛି ।ଆଜି ଚିହ୍ନଟ ହୋଇଥିବା ୫୩୪ ଜଣଙ୍କ ମଧ୍ୟରୁ ୩୧୦ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ଼ରୁ ସବୁଠାରୁ ଅଧିକ ୧୨୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୧ , ବାଲେଶ୍ୱର ଜିଲ୍ଲାରୁ ୧୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୮ , କଟକରୁ ୧୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୪, ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୫, ଯାଜପୁରରୁ ୬୪୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୮, ଖୋର୍ଦ୍ଧାରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ଆଜି ତୃତୀୟ ପର୍ଯ୍ୟାୟ ନିର୍ବାଚନ

ଭୁବନେଶ୍ୱର, ୧୯।୨(ପି.ଏନ): ଆସନ୍ତାକାଲି (ରବିବାର) ୨୯ଟି ଜିଲ୍ଲାର ୬୩ଟି ବ୍ଲକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ । ୧୭୧ଟି ଜିଲ୍ଲା ପରିଷଦ ଆସନ, ୧୩୮୨ ପଂଚାୟତରେ ଉଭୟ ସରପଂଚ ଓ ସମିତି ସଭ୍ୟ ପଦବୀ ନିମନ୍ତେ ରାଜ୍ୟର ୫୬୫୩୪୦୫ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ । ଏଥିପାଇଁ ୧୮୪୯୫ଟି ବୁଥ୍ ଚୂଡ଼ାନ୍ତ ହୋଇଥିବାବେଳେ ସେଥିରୁ ୨୭୭୩ଟି ଉତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି ।ରାଜ୍ୟ ନିର୍ବାଚନ କମିଶନର ସଚିବ ରବୀନ୍ଦ୍ରନାଥ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ତୃତୀୟ ପର୍ଯ୍ୟାୟ ପଂଚାୟତ ନିର୍ବାଚନ କେବଳ ଝାରସୁଗୁଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟ ୨୯ଟି ଜିଲ୍ଲାର ୬୩ଟି ବ୍ଲକରେ ଅନୁଷ୍ଠିତ ହେବ। ଏହି ବ୍ଲକଗୁଡ଼ିକରେ ୧୭୧ଟି ଜିଲ୍ଲା ପରିଷଦ ଜୋନରେ ମୋଟ ୬୭୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ମୋଟ ୫୬.୫୪ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ ।ଆସନ୍ତାକାଲି ମତଦାନ ପରେ ଆଉ ଦୁଇଟି ପର୍ଯ୍ୟାୟ ଭୋଟ ଫେବୃୟାରୀ ୨୨ ଓ ୨୪ତାରିଖରେ ହେବ। ଏହି ସମସ୍ତ ପର୍ଯ୍ୟାୟ ଭୋଟଗ୍ରହଣର ଗଣତି ଫେବୃୟାରୀ ୨୬ରୁ ୨୮ତାରିଖ ମଧ୍ୟରେ ହେବ।

### ନବରଙ୍ଗପୁର ସୋରିଷପଦର ପୋଲିସ୍ ବସ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧୯।୨(ପି.ଏନ): ନବରଙ୍ଗପୁର ସୋରିଷପଦର ନିକଟରେ ପୋଲିସ୍ ବସ୍ ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ନବରଙ୍ଗପୁର ଜିଲ୍ଲା ସୋରିଷପଦର ନିକଟରେ ନିର୍ବାଚନ ଡ୍ୟୁଟିରେ ଯାଉଥିବା ପୋଲିସ ବସ୍ ଦୁର୍ଘଟଣାରେ ସଂଖ୍ୟାଧିକ ପୋଲିସ କର୍ମଚାରୀ ପ୍ରାଣ ହରାଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।ସୂଚନାଯୋଗ୍ୟ ଯେ, ଶୁକ୍ରବାର ନବରଙ୍ଗପୁରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହୋଇଥିଲେ। ୩ ଜଣଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା।

## ଓଡିଶାରେ ରାଷ୍ଟ୍ରପତି : ସଂଧ୍ୟାରେ ସପରିବାରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ

ପୁରୀ/ଭୁବନେଶ୍ୱର, ୧୯।୨(ପି.ଏନ): ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କ ଆଶୀର୍ବାଦ ନେଇଛନ୍ତି। ସପରିବାରେ ସେ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଛନ୍ତି।ରାଷ୍ଟ୍ରପତିଙ୍କ କୌଳିକ ପଣ୍ଡାଙ୍କ ସୂଚନା ଅନୁସାରେ ରାଷ୍ଟ୍ରପତି ଗର୍ଭଗୃହକୁ ଯାଇ ଶ୍ରୀଜିଉଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ବେହରଣ ଦ୍ୱାର ଦେଇ ପ୍ରସ୍ଥାନ ସହ ମୁକ୍ତି ମଣ୍ଡପରେ ପଣ୍ଡିତଙ୍କ ଆଶୀର୍ବାଦ ନେଇଥିଲେ। ପରେ ବିମଳା ଓ ମହାଲକ୍ଷ୍ମୀ ମନ୍ଦିର ଯାଇ ଆଶିଷ ଭିକ୍ଷା କରି କୀର୍ତନ ଚକଡ଼ାରେ ଛିଡ଼ା ହୋଇ ନୀଳଚକ୍ରରେ ପତିତପାବନ ବାନା ବନ୍ଧାର ଦୃଶ୍ୟ ଦେଖି ତଲ୍ଲୀନ ହୋଇଥିଲେ। କୌଳିକ ପଣ୍ଡା ଏକ ସ୍ୱତନ୍ତ୍ର ତାମ୍ର ଫଳକ ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ଦେଇଥିଲେ। ରାଷ୍ଟ୍ରପତି ଶ୍ରୀମନ୍ଦିର ପରିସରରୁ ବିଦାୟ ନେବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ଏକ ସ୍ୱତନ୍ତ୍ର ପଟ୍ଟଚିତ୍ର ଉପହାର ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଧ୍ୟ



ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଆସନ୍ତାକାଲି ଅର୍ଥାତ୍ ଫେବୃଆରି ୨୦ରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିଠାରେ ଆୟୋଜିତ ଗୌଡୀୟ ମିଶନର ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜନ୍ମଜୟନ୍ତୀର ତୃତୀୟ ବାର୍ଷିକୀ ପାଳନ ଉତ୍ସବରେ ଯୋଗଦେବେ। ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଅପରାହ୍ନରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଥିଲେ। ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପୁଲିସ ଡିଜି ସୁନୀଲ ବଂଶଲ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ସ୍ଥାନୀୟ ତାଳବଣିଆ ହେଲିପ୍ୟାଡ୍ ରେ ପହଂଚିବା ପରେ ଆରଡିସି ଓ ଜିଲ୍ଲାପାଳ ସ୍ୱାଗତ ଜଣାଇଥିଲେ। ପରେ କଡ଼ା ସୁରକ୍ଷା ଭିତରେ ଏକ ସ୍ୱତନ୍ତ୍ର କାରକେଡ୍ ରେ ରାଜଭବନରେ ପହଂଚିଥିଲେ। ରାଷ୍ଟ୍ରପତିଙ୍କ ସହିତ ତାଙ୍କର ଧର୍ମପତ୍ନୀ ସବିତା କୋବିନ୍ଦ ମଧ୍ୟ ଅଛନ୍ତି। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଧ୍ୟ ପୁରୀ ଗସ୍ତ କରିଥିଲେ।

## କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଟାର୍ଗେଟରେ ପାଣ୍ଡିଆନ ଓ ତାଙ୍କ ପତ୍ନୀ

ଭୁବନେଶ୍ୱର,୧୯।୨(ପି.ଏନ): କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ସାଂସଦ ବିଶେଶ୍ୱର ଟୁଡୁ ଆଜି ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ କାର୍ଯ୍ୟାଳୟର ଅଫିସରଙ୍କୁ କଡା ଭାଷାରେ ଟାର୍ଗେଟ୍ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଏଠାରେ ବାଟମାରଣା କରାଯାଉଛି ତଥା ନବୀନ ପଟ୍ଟନାୟକ ଓ ବିଜେଡିର ବ୍ରାଣ୍ଡିଂ ପାଇଁ ବ୍ୟବହାର ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏହାସହିତ ସେ ଆଜି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଓ ତାଙ୍କ ପତ୍ନୀଙ୍କୁ ମଧ୍ୟ ଟାର୍ଗେଟ୍ କରିବାକୁ ପଛାଇ ନାହାନ୍ତି।ପଂଚାୟତ ନିର୍ବାଚନ ପ୍ରଚାରରେ ମୟୂରଭଞ୍ଜ ଜିଲ୍ଲାର ୨ ନମ୍ବର ଜୋନର ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ସପକ୍ଷରେ ଉଦଳା ବ୍ଲକର କୋଚିଲାଦିସା ପଂଚାୟତରେ ଏକ ନିର୍ବାଚନୀ ସଭାରେ ଭୋଟ ମାଗିବାବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଅଫିସରଙ୍କୁ କଡା ସମାଲୋଚନା ସହ ବିଜେଡି ସରକାରର ବିଫଳତା ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରିଥିଲେ ଯେ,ବିଭିନ୍ନ ଜନକଲ୍ୟାଣ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ପାଣ୍ଠିକୁ ଓଡିଶାରେ ଲୁଟ୍ କରାଯାଉଛି। ଆଦିବାସୀ, ଚାଷୀଙ୍କ ବିକାଶ ପାଇଁ ଆସୁଥିବା ଅର୍ଥକୁ




ମୁଖ୍ୟମନ୍ତ୍ରୀ ଓ ବିଜେଡିର ପ୍ରଚାର ନିମନ୍ତେ ଖର୍ଚ୍ଚ କରାଯାଉଛି । କେନ୍ଦ୍ରରେ ଥିବା ମୋଦି ସରକାର ଗ ?ୁଥିବାବେଳେ ଏଠି ନବୀନ ସରକାର ଭାଙ୍ଗିବାରେ ବ୍ୟସ୍ତ । ବିଜୁ ସ୍ୱାସ୍ଥ୍ୟ କାର୍ଡ କେବଳ ଏକ ଭାଣ୍ଡାମି । କେନ୍ଦ୍ର ଚାଉଳ ଦେଉଛି, ଏଠି ଶଙ୍ଖ ଚିହ୍ନ ଲଗାଇ ପ୍ରଚାର କରାଯାଉଛି । ସେହିପରି ମହିଳାମାନଙ୍କୁ ସଶକ୍ତିକରଣ କରିବା ନିମନ୍ତେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଆରମ୍ଭ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବେ ଓଡିଶାରେ 'ମିଶନ ଶକ୍ତି' ନାଁରେ ନାମିତ ହୋଇଛି । ଆଉ ଏହାର ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି କେ ପାଣ୍ଡିଆନଙ୍କ ପତ୍ନୀ ନେଇଛନ୍ତି । ତାଙ୍କୁ ଓଡିଶାର ଦାୟିତ୍ୱ ଦିଆଯାଇଛି । ପାଣ୍ଡିଆନ ତାମିଲନାଡୁରୁ ଆସିଲେ, ଶଙ୍ଖ ଚିହ୍ନକୁ ଭୋଟ ଦେଇ ଆମେ ଏଠି ସରକାର ଗାଇଲେ । ଆଉ ପାଣ୍ଡିଆନଙ୍କ ପତ୍ନୀ ଏବେ ମହିଳାମାନଙ୍କୁ ବଣା କରାଉଛି । ନିର୍ବାଚନବେଳେ ୧୦ହଜାର/୧୫ହଜାର ଟଙ୍କା ସେ ବାଣ୍ଟୁଛନ୍ତି ବୋଲି ଶ୍ରୀ ଟୁଡୁ କହିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ବିଜେପି ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ମଧ୍ୟ ଆଜି ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀ କରି ମିଶନ ଶକ୍ତି ନାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିର୍ବାଚନରେ ଲଗାଯାଉଛି ବୋଲି ଅଭିଯୋଗ କରିଛନ୍ତି । ଶାସକ ବିଜେଡି ସପକ୍ଷରେ ମହିଳା ଏସଏଚଜି ଗ୍ରୁପ୍ ଭୋଟ ଗୋଟାଉଛନ୍ତି । ମିଶନ ଶକ୍ତିର ଅଫିସରମାନେ ବିଜେଡି ପାଇଁ ନିର୍ବାଚନୀ ପ୍ରଚାର କରୁଛନ୍ତି । ଏସଏଚଜିଙ୍କୁ ଋଣ ଆକାରରେ ରାଜ୍ୟ ସରକାର ୨୫ହଜାର ଟଙ୍କା ଦେଇଛନ୍ତି ଓ ଏହାକୁ ବିଜେଡି ଦେଇଛି ବୋଲି ଚାରିଆଡ ପ୍ରଚାର କରାଯାଉଛି । ତେବେ ନିର୍ବାଚନ ଚାଲିଥିବାବେଳେ କେଉଁ ଆଧାରରେ ସରକାର ଏହି ଋଣ ପ୍ରଦାନ କଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ମିଶନ ଶକ୍ତିରେ କାର୍ଯ୍ୟ କରୁଥିବା ଡିପିଏମ, ବିପିଏମ, ଏମବିକେ, ସିଆରପି ଓ ମିଶନଶକ୍ତିର ଦାୟିତ୍ୱରେ ଥିବା ସମସ୍ତଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବିଜେଡିର ଦଳୀୟ କାର୍ଯ୍ୟରେ ବ୍ୟବହାର ନକରିବାକୁ ଶ୍ରୀମତୀ ପଟ୍ଟନାୟକ ଦାବି କରିଛନ୍ତି ।ସେ କହିଛନ୍ତି ଯେ, ବ୍ଲକ ସ୍ତରରେ ଏସଏଚଜି ଓ ମହାସଂଘ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ରେଜିଷ୍ଟର ମେଂଟେନ କରାଯାଉନାହିଁ । ଯାହାଫଳରେ ଶାସକ ବିଜେଡି ସମର୍ଥିତ ଏସଏଚଜି ଗ୍ରୁପମାନଙ୍କୁ ବାରମ୍ବାର ରିଭଲଭିଂ ଫଣ୍ଡ୍ ୧୦ହଜାର ଟଙ୍କା ଲେଖାଏଁ ଦିଆଯାଉଥିବାବେଳେ ଥରେ ବି ପାଇନଥିବା ଗୋଷ୍ଠୀମାନଙ୍କୁ ରିଭଲିଂ ଫଣ୍ଡରୁ ସମ୍ପୂର୍ଣ୍ଣ ବଂଚିତ କରାଯାଉଛି । ଏଭଳି ପକ୍ଷପାତ ଆଚରଣ ମହିଳା ସଶକ୍ତିକରଣରେ ବାଧକ ସାଜିଛି ଓ ଏହା କେବଳ ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଉଛି ବୋଲି ପ୍ରମାଣିତ ହୋଇଛି । ରାଜ୍ୟର ବିଜେଡି ସରକାରଙ୍କ ଏଭଳି ରୁଗଣ ମାନସିକତା ବିରୁଦ୍ଧରେ ଏକାଠି ହେବା ସହ ସେମାନଙ୍କୁ କଡା ଜବାବ ଦେବାକୁ ରାଜ୍ୟ ବିଜେପି ମହିଳା ସଭାନେତ୍ରୀ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।

## ବିଜେଡିର ହିଂସାକାଣ୍ଡ ବିରୋଧରେ ଡିଜିପିଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର, ୧୯।୨(ପି.ଏନ): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ୨ଟି ପର୍ଯ୍ୟାୟ ଶେଷ ହୋଇଛି ଏବଂ ଏହି ୨ ପର୍ଯ୍ୟାୟ ଭୋଟିଂରେ ରେକର୍ଡ ପରିମାଣର ହିଂସାକାଣ୍ଡ ଘଟିଛି । ପ୍ରାୟ ହିଂସାକାଣ୍ଡ ଓ ବୁଥ୍ ରିଗିଂରେ ଶାସକ ବିଜେଡିର ସଂପୃକ୍ତି ପଦାରେ ପଡିଛି । ବିଜେଡି କର୍ମୀ ହିଂସାକାଣ୍ଡ ଓ ବୁଥ୍ ରିଗିଂ କରୁଥିବାବେଳେ ପୋଲିସ ପ୍ରଶାସନ ଦେଖି ନଦେଖିଲା ଭଳି ନୀରବଦ୍ରଷ୍ଟା ସାଜିଛି । ଆଗାମୀ ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ହେଉଥିବା ମତଦାନ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେଇ ଭୋଟରଙ୍କ ମନରୁ ଭୟ ଦୂର କରି ନିର୍ବାଚନକୁ ଶୃଙ୍ଖଳିତ କରିବାକୁ ପୋଲିସ ଡିଜିଙ୍କ ନିକଟରେ ବିଜେପି ଦାବୀ କରିଛି । ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀ ଏବଂ କେଉଁଠି ସୁରକ୍ଷା ଦାୟୀତ୍ୱରେ ଥିବା ପୋଲିସ ଶାସକ ବିଜେଡି ସପକ୍ଷରେ ଭୋଟ ହାତେଇବା ପାଇଁ ଟଙ୍କା ବାଂଟୁଛନ୍ତି । ପଂଚାୟତ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ମୁକ୍ତ ଓ ନିରପେକ୍ଷ କରିବାରେ ପୋଲିସର ଅବହେଳା କାରଣରୁ ଗଣତନ୍ତ୍ର ଆଜି ବିପଦରେ ପଡିଛି । ପୋଲିସର ପକ୍ଷପାତିତା କାରଣରୁ ସାଧାରଣ ଭୋଟର ଆଜି ନିଜକୁ ଅସୁରକ୍ଷିତ ମଣି ଭୋଟ ଦେଇପାରୁନାହାନ୍ତି । ବହୁ ସ୍ଥାନରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର ଏବଂ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଅନ୍ୟ ଅଧିକାରୀମାନେ ମିଳିମିଶି ଶାସକ ବିଜେଡି ସପକ୍ଷରେ ଭୋଟ କରାଉଥିବାବେଳେ ପୋଲିସ ତାଙ୍କୁ ପ୍ରତ୍ୟକ୍ଷ ସହାୟତା କରୁଥିବାର ବହୁ ପ୍ରମାଣ ଲୋକଲୋଚନକୁ ଆସିଛି । ଓଡିଶା ପଂଚାୟତ ଆଇନ-୧୯୬୪ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାରେ ଥିବା କୌଣସି ସରକାରୀ କର୍ମଚାରୀ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପାଇଁ ପ୍ରଚାର କିମ୍ବା କାର୍ଯ୍ୟ କରିପାରିବେ ନାହିଁ। ତେଣୁ ଆଇନ ଭଙ୍ଗକାରୀ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଡିଜିଙ୍କ ନିକଟରେ ବିଜେପି ଦାବୀ ଜଣାଇଛି। ଭୋଟ ଗଣତି ବ୍ୟବସ୍ଥାରେ ରାଜ୍ୟ ନିର୍ବାଚନ କମିଶନ ପରିବର୍ତ୍ତନ କରିଥିବାରୁ ସମସ୍ତ ଭୋଟ ବାକ୍ସ ସଂଗୃହୀତ ହୋଇ ଷ୍ଟ୍ରଙ୍ଗ୍ ରୁମରେ ରହୁଛି । ଭୋଟ ଗଣତି ପର୍ଯ୍ୟନ୍ତ ଷ୍ଟ୍ରଙ୍ଗ୍ ରୁମକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖିବା ସହ ଭୋଟ ଗଣତି ଦିନରେ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ବିଜେପି ତରଫରୁ ଦାବୀ କରାଯାଇଛି । ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, , ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲ ସେଲ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀ ଗଜପତି କୋଭିଡ୍ ପଜିଟିଭ୍

ଭୁବନେଶ୍ୱର, ୧୯।୨(ପି.ଏନ): ପୁରୀ ଗଜପତି ଦିବ୍ୟସିଂହ ଦେବ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମରୁ ସେ ଦୂରେଇ ରହିଛନ୍ତି। ଅପରପକ୍ଷରେ କୋଭିଡ୍ ପୀଡିତ ଗଜପତିଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିସିସି ସଭାପତି।

## ନିର୍ବାଚନ ବାତିଲ ହୋଇଥିବା ସ୍ଥାନରେ ୨୩ରେ ସାନି ଭୋଟ୍

ଭୁବନେଶ୍ୱର, ୧୯।୨(ପି.ଏନ): ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନବେଳେ ଯେଉଁ ଯେଉଁ ସ୍ଥାନମାନଙ୍କରେ ବିଭିନ୍ନ ପ୍ରକାରର ଗଣ୍ଡଗୋଳ ଯୋଗୁଁ ନିର୍ବାଚନକୁ ବାତିଲ କରିଦିଆ ଯାଇଥିଲା ସେସବୁ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ଆସନ୍ତା ୨୩ ତାରିଖରେ ପୁନଃଭୋଟଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ନିଷ୍ପତି ନେଇଛନ୍ତି । ସେସବୁ ଭୋଟଗ୍ରହଣ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସକାଳ ୯ଘଟିକାଠାରୁ ଅପରହ୍ନ ୩ ଘଟିକା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ । ବିଭିନ୍ନ କାରଣ ଯୋଗୁଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ବାତିଲ ହୋଇଥିବା ଭଦ୍ରକ ଜିଲ୍ଲା, ଭଦ୍ରକ ବ୍ଲକ୍ ର ୪ଟି, ବନ୍ତ ବ୍ଲକ୍ ର ଗୋଟିଏ, ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ୍ ର ୪ଟି, ଯାଜପୁର ଜିଲ୍ଲା ଯାଜପୁର ବ୍ଲକ୍ ର ୯ଟି, ଧର୍ମଶାଳା ବ୍ଲକ୍ ର ୨ଟି, ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ର ଗୋଟିଏ, କୃଷ୍ଣପ୍ରସାଦ ବ୍ଲକର ଗୋଟିଏ, କଣାସ ବ୍ଲକ୍ ର ୩ଟି ମତଦାନ କେନ୍ଦ୍ରରେ ପୁନଃମତଗ୍ରହଣ କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କାରଣରୁ ନିର୍ବାଚନ ବାତିଲ ହୋଇଥିବା ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ର ଗୋଟିଏ, ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ୍ ର ଗୋଟିଏ, ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ୍ ର ଗୋଟିଏ, ଜଗତସିଂହପୁର ଜିଲ୍ଲା ଜଗତସିଂହପୁର ବ୍ଲକ୍ ର ୩ଟି, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ର ୧୦ଟି, କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ର ଗୋଟିଏ ଓ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ର ଗୋଟିଏ, ଶୁଳିଆପଦା ବ୍ଲକ୍ ର ଦୁଇଟି ସ୍ଥାନରେ ପୁନଃଭୋଟଗ୍ରହଣ କରାଯିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଫେବୃଆରୀ ୨୦

## ଜୀବନ ବିକାଶରେ ସଫଳ ରାସ୍ତାର ପ୍ରୟୋଜନତା

ସଠିକ୍ ରାସ୍ତା ବିନା ମଣିଷ ଜୀବନ ଓ ଜୀବନର ବିକାଶ ଅସମ୍ଭବ ହୋଇଥାଏ। ସଠିକ ବିଚାର ମଣିଷକୁ ସଠିକ୍ ମାର୍ଗରେ ପରିଚାଳିତ କରିଥାଏ। ଭୁଲ ରାସ୍ତା, ବା ବାଟରେ ଗଲେ ମଣିଷ କୁପଥ ବା ବିପଥ ଗାମୀ ହୋଇଥାଏ ଏବଂ ସମଗ୍ର ସମାଜକୁ କଳୁଷିତ କରିବା ସହ



ବିପଥଗାମୀ କରିଥାଏ। ରାସ୍ତାର ଭାବଗତ ଅର୍ଥ ଆଙ୍ଗିକ ମଧ୍ଧ ଅଛି। ମଣିଷ ଯେତେବେଳେ ବିଭିନ୍ନ ସମସ୍ୟାରେ ଘାଂଟି ଚକଟି ହୋଇଥାଏ ସେ ସେଥିରୁ ଉଦ୍ଧାର ପାଇବା ପାଇଁ ବିଭିନ୍ନ ରାସ୍ତା ବା ମାର୍ଗ ଖୋଜିଥାଏ। ଏହି ରାସ୍ତାର ବିଭିନ୍ନ ନାମକରଣ କରାଯାଇଛି। ପଥ, ବାଟ, ମାର୍ଗ, ଶୁଦ୍ଧଭାଷାରେ କହିଲେ ସରଣୀ। ଏହି ରାସ୍ତାର ଯାତାୟତ କରିବାର ଏକ ନିୟମ ଅଛି ସେ ନିୟମ ଯିଏ ଭଙ୍ଗ କରେ ସେ ବିପଦର ସମ୍ମୁଖୀନ ହେବା ସହ ଅନ୍ୟ ମାନଙ୍କୁ ବିପଦକୁ ଠେଲି ଦେଇଥାଏ। ତେଣୁ ରାସ୍ତାରେ ଚାଲିବାର ଏକ କୌଶଳ ଓ ନିୟମ ଅଛି। ପ୍ରତ୍ୟେକ ବ୍ୟକ୍ତି ଏହି ନିୟମ କୁ ସଦା ସର୍ବଦା ମାନିବା ଦରକାର। ମଣିଷ ସଦାବେଳେ ନିଜର ଅଭିବୃଦ୍ଧି ପାଇଁ ତାର ବେଗକୁ ବଢାଇଥାଏ କାରଣ ବେଗହିଁ ଉନ୍ନତିର ଲକ୍ଷଣ। ଆଜିର ସମାଜରେ ଦଉଡିବାର ବେଗ, ଚାଲିବାର ବେଗ, ଗାଡିର ବେଗ, ବିମାନର ବେଗ, ସଭାର ବେଗ, ଧନ,ମାନ,ବୃଦ୍ଧିର ବେଗ ପାଇଁ ରାସ୍ତା ହିଁ ମୂଖ୍ୟ। ଯଦି ଗାଡି ଚାଳକ ତାର ବେଗକୁ ବଢାଇବାକୁ ଯାଇ ରାସ୍ତାର ନିୟମ ବ୍ୟତିକ୍ରମ କରେ ତେବେ ସେ ବିପଦର ସମ୍ମୁଖୀନ ହୋଇଥାଏ। ସେହିପରି ମଣିଷ ଯଦି ନିଜର ସତ୍ତା ତଥା ଧନ, ମାନ ହାସଲ କରିବା ପାଇଁ ନିଜର ରାସ୍ତା ବା ମାର୍ଗରୁ ବିଚ୍ୟୁତ ହୁଏ ତେବେ ସମାଜରେ ସେ ହାସ୍ୟାଷ୍ପଦ ହେବା ସହ ନିନ୍ଦିତ ହୋଇଥାଏ। ସେଥିପାଇଁ ଆଗ କାଳରେ ରାଜାମାନେ ତାଙ୍କ ରାଜ ଦରବାରରେ ଅନେକ ବିଦୁଷକ ବା ଜ୍ଞାନୀ ଗୁଣି ମାନଙ୍କୁ ରଖୁଥିଲେ ଯେଉଁମାନେ ରାଜାଙ୍କ ସଙ୍କଟ ସମୟରେ ରାଜାଙ୍କୁ ସଠିକ୍ ଉପଦେଶ ଦେଇ ଉଚିତ ମାର୍ଗଦର୍ଶନ କରୁଥିଲେ। ଜୀବନ ରାସ୍ତାରେ ଅତିକ୍ରମ କଲାବେଳେ ଆମକୁ ଜୀବନ ରାସ୍ତାର ନିୟମ,ଶୃଙ୍ଖଳା,ଦାୟିତ୍ୱ ସାଙ୍ଗକୁ ବୁଦ୍ଧି, ବିଚାର, ବିବେକାନୁମୋଦିତ ଭାବେ ଅଗ୍ରସର ହେଲେ ଜୀବନ ସୁଖମୟ ହେବାସହ ସମାଜର କଲ୍ୟାଣ ସାଧିତ ହୋଇଥାଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ସମାଜର ପ୍ରତ୍ୟେକ ବ୍ୟକ୍ତି ପିଲାଠାରୁ ବୁଢା ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ନିଜମାର୍ଗରୁ ବିଚ୍ୟୁତ ହୋଇଯାଇଛନ୍ତି। ଫଳରେ ସମାଜରେ ଅସତ୍ୟ, ଅନ୍ୟାୟ, ଅତ୍ୟାଚାର, ଲୁଣ୍ଠନ, ରାହାଜାନୀ ତଥା ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଘଟିବାକୁ ଲାଗିଛି। ସେଦିନ ଧର୍ମବକ ରୁପୀ ଯକ୍ଷ ଯୁଧିଷ୍ଠିରଙ୍କୁ ପଚାରିଥିଲା "କଶ୍ଚଧର୍ମଃ ପରୋଲୋକେ କଶ୍ଚଧର୍ମଃ ସଦାଫଳଃ, କିଂନୟମ୍ୟ ନଶୋଚନ୍ତି କୈଶ୍ଚସଂଧିର୍ନଜୀର୍ଯତେ"( ବନପର୍ବ ) ଲୋକମାନଙ୍କର ଶ୍ରେଷ୍ଠଧର୍ମ କ'ଣ? ନିତ୍ୟ ଫଳଦେବା ଧର୍ମ କ'ଣ? କାହାକୁ ବଶ କରିପାରିଲେ ମନୁଷ୍ୟ ଶୋକ କରେନାହିଁ? ଉତ୍ତରରେ ଯୁଧିଷ୍ଠିର କହିଥିଲେ ଦୟା ହେଲା ମନୁଷ୍ୟର ଶ୍ରେଷ୍ଠ ଧର୍ମ। ନିତ୍ୟ ଫଳଦାତା ହେଲା ଶାସ୍ତ୍ର ଧର୍ମ। ନିଜର ମନକୁ ଆୟତ କରିଥିବା ମନୁଷ୍ୟ କେବେହେଲେ ଶୋକ କରେନି କି ନଜର ରାସ୍ତାହୁଡେ ନାହିଁ ଏବଂ ସତ୍‌ପୁରୁଷ ସହ ମିତ୍ରତା କଲେ ତାହା ଆଦୌନଷ୍ଟ ହୁଏନାହିଁ ମାତ୍ର ଦୁଃଖ ଓ ପରିତାପର ବିଷୟ ଉପରୋକ୍ତ ତିନୋଟି ମାର୍ଗରୁ ଆଜି ସାରା ସଂସାର ବିଚ୍ୟୁତ! ଯକ୍ଷ ପୁନର୍ବାର ପ୍ରଶ୍ନ କରିଥିଲେ କାହାକୁ ଛାଡିଦେଲେ ମନୁଷ୍ୟ ପ୍ରୀୟ, ଅର୍ଥବାନ ଓ ଆନନ୍ଦ ପାଇଥାଏ? ଉତ୍ତରରେ ଯୁଧିଷ୍ଠିର କହିଥିଲେ ଅହଙ୍କାର କୁ ମନରୁ ପରିତ୍ୟାଗ କଲେ ମନୁଷ୍ୟ ସମସ୍ତଙ୍କର ପ୍ରିୟ ହୋଇଥାଏ। କାମକୁ ତ୍ୟାଗ କଲେ ମାନବ ଅର୍ଥବାନ ଓ ଲୋଭକୁ ତ୍ୟାଗ କଲେ ମନୁଷ୍ୟ ସୁଖୀ ହୋଇଥାଏ। ମାତ୍ର ଆଜିର ସମାଜର ପ୍ରତ୍ୟେକ ବ୍ୟକ୍ତି ଅହଙ୍କାର, କାମ ଓ ଲୋଭକୁ ଜାବୁଡି ଧରିବା ସହ ଉକ୍ତ ରାସ୍ତାକୁ ଶ୍ରେୟ ମନେକରିଛି। ମାତ୍ର ଯେଉଁ ବ୍ୟକ୍ତି ପାଖରେ ଦକ୍ଷତା ଅଛି ତା ପାଖରେ ଧର୍ମ ଅଛି କାରଣ ଧର୍ମର ମୁଖ୍ୟ ସ୍ଥାନ ହେଲା ଦକ୍ଷତା ସେହିପରି ଯେଉଁ ବ୍ୟକ୍ତି ଦାନଶୀଳ ତାପାଖରେ ଯଶଥାଏ କାରଣ ଯଶର ମୁଖ୍ୟସ୍ଥାନ ହେଲା ଦାନ, ଯାହାପାଖରେ ସତ୍ୟଅଛି ତା ପାଖରେ ସ୍ୱର୍ଗ ଅଛି କାରଣ ସତ୍ୟରେ ସ୍ୱର୍ଗସୁଖ ମିଳିଥାଏ ଏବଂ ସୁଖର ମୁଖ୍ୟ ସ୍ଥାନ ହେଲା ଶୀଳ। ଯେଉଁ ବ୍ୟକ୍ତିପାଖରେ ଶୀଳତା ଅଛି ତା ପାଇଁ ଜୀବନର ସବୁରାସ୍ତା କଂଟକ ଶୁନ୍ୟ। ଜୀବନ ମାର୍ଗରେ ସୁଖ ଦୁଃଖ ପ୍ରଚଳନ ଅବାରିତ ଧାରା କିନ୍ତୁ ମନୁଷ୍ୟ କଦାପି ଦୁଃଖ କାମନା କରେନାହିଁ। ସୁଖର କାମନା କରି ତଥା ଦୁଃଖକୁ ଭୟକରି ମନୁଷ୍ୟ ଅଶାନ୍ତ ହୋଇଥାଏ। ଧନର ରାସ୍ତା ବା ମାର୍ଗରେ ଦୌଡି ଦୌଡି ପ୍ରବଳ ଧନ ରାଶି ମଧ୍ୟରେ ବି ମନୁଷ୍ୟ ଦୁଃଖ ପାଇଥାଏ। ଯେଉଁ ଲୋକ ଭୂତ ଭବିଷ୍ୟତ ଏବଂ ବର୍ତ୍ତମାନର ଅବସ୍ଥାରେ ନିସ୍ପୃହ ହୋଇ ଯାହାଗଲା ଯାଉ ଯାହା ଚଳୁଚି ଚଳୁ ଏବଂ ଯାହା ଆସୁଚି ଆସୁ ଏଇ ଭାବନା ପୋଷଣ କରି ନିଜ ରାସ୍ତା ବା ମାର୍ଗରେ ଆଗୁସାର ହୁଏ ସେ ପ୍ରକୃତରେ ଧନୀ,ପ୍ରକୃତରେ ସୁଖୀ ହୋଇଥାଏ। ଆଜି ଆମ ସମାଜରେ ଅନେକ ସାଧୁ ବେଶଧାରୀ ବକ୍ତା ସମାଜର ମାର୍ଗଦର୍ଶନ କରୁଛନ୍ତି ମାତ୍ର ତାଙ୍କର କଥଣୀ ଓ କରଣୀ ଭିତରେ ଆକାଶ ପାତାଳର ପ୍ରଭେଦ। ସମାଜକୁ ପଥ ଦେଖାଉଥିବା ବ୍ୟକ୍ତି ଉତମ ଦୃଷ୍ଟି ସମ୍ପନ୍ନ ହେବା ଦରକାର ମାତ୍ର ଜଣେ ଅନ୍ଧ ଯଦି ଅନ୍ୟର ପଥ ପ୍ରଦର୍ଶକ ହୁଏ ତେବେ ଜୀବନ ସଙ୍କଟାପର୍ଣ୍ଣ ହୋଇଥାଏ। ସେହିପରି ପରିପୂର୍ଣ୍ଣ ଶାସ୍ତ୍ର ଜ୍ଞାନ ଅର୍ଜନ ନକରି ଯେଉଁ ଲୋକ ଅନ୍ୟକୁ ଉପଦେଶ ଦେଇଥାଏ ତାହା ସମଜର ଉପକାର ବଦଳରେ ଅପକାର ହୋଇଥାଏ। ତେଣୁ ସମସ୍ତେ ନିଜର ଜୀବନ ମାର୍ଗରେ ବଢିବା ଆଗରୁ ସତ୍ୟ, ଦୟା, ଧର୍ମ, ଅଂହିସା,ଶୀଳତା ପରୋପକାର, ତ୍ୟାଗ ଓ ତିତିକ୍ଷା କୁ ଆପଣେଇ ପାରିଲେ ଜୀବନ ମଧୁମୟ ହୋଇଥାଏ।

ଉମା ଶଙ୍କର ପ୍ରସାଦ, ଖୋର୍ଦ୍ଧା
(ମୋ)୬୩୭୦୬ ୭୫୫୬୨

### ଆଜିର ଅନୁଚିନ୍ତା

**ଜୀବନର ଲକ୍ଷ୍ୟ ଇନ୍ଦ୍ରିୟ ତୃପ୍ତି ନୁହେଁ, ଆମ୍ଭତୃପ୍ତି।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବୈଷ୍ଣୋ ଦେବୀ ମନ୍ଦିରର ଇତିହାସ ଓ ପୌରାଣିକ କଥା

ମା'ବୈଷ୍ଣୋ ଦେବୀଙ୍କ ବିଶ୍ୱ ପ୍ରସିଦ୍ଧ ଓ ପ୍ରାଚୀନ ମନ୍ଦିର ଆମ ଦେଶର ଜାମ୍ମୁ ଓ କାଶ୍ମୀର ରାଜ୍ୟର କଟରା ନଗର ନିକଟସ୍ଥ ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ। ଏହି ପାହାଡ଼ ଗୁଡ଼ିକୁ ତ୍ରିକୁଟା ପାହାଡ଼ କୁହାଯାଏ। ଏହି ସ୍ଥାନରୁ ପ୍ରାୟ ୫ହଜାର ୨ଶହ ଫୁଟ ଉଚ୍ଚରେ ମାତା ରାଣୀଙ୍କ ମନ୍ଦିର ଅବସ୍ଥିତ। ଏହା ଭାରତରେ ତିରୁମଲ୍ଲା ଭେଙ୍କଟେଶ୍ୱର ମନ୍ଦିର ପରେ ଦ୍ୱିତୀୟ ସର୍ବାଧିକ ଦର୍ଶନ କରା ଯାଉଥିବା ଧାର୍ମିକ ତୀର୍ଥ ସ୍ଥଳ। ତ୍ରିକୁଟା ପାହାଡ଼ ଶ୍ରେଣୀ ଉପରେ ଅବସ୍ଥିତ ଏକ ଗୁମ୍ଫାରେ ମାତା ବୈଷ୍ଣୋ ଦେବୀଙ୍କ ସ୍ୱଂୟ ତିନି ମୂର୍ତ୍ତି ପୂଜା ପାଉଛନ୍ତି। ଦେବୀ କାଳୀ (ଡ଼ାହାଣ), ଦେବୀ ସରସ୍ୱତୀ(ବାମ) ଓ ଦେବୀ ଲକ୍ଷ୍ମୀ(ମଧ୍ୟ) ପିଣ୍ଡି ଭାବରେ ବିରାଜିତା। ଏହି ତିନି ପିଣ୍ଡି ମାନଙ୍କର ସମ୍ମିଳିତ ରୂପକୁ ବୈଷ୍ଣୋ ଦେବୀ ମାତା କୁହାଯାଏ। ଏହି ସ୍ଥାନକୁ ମାତାଙ୍କ ଭବନ କୁହାଯାଏ। ଏହି ପବିତ୍ର ଗୁମ୍ଫାର ଲମ୍ବ ୯୮ଫୁଟ। ଏହି ଗୁମ୍ଫାରେ ଏକ ବଡ଼ ଉଚ୍ଚ ପିଣ୍ଡା ରହିଛି। ଏହି ପିଣ୍ଡା ଉପରେ ମାତାଙ୍କ ଆସନ ରହିଛି, ଯେଉଁଠି ଦେବୀ ତ୍ରିକୁଟା ନିଜ ମାତାଙ୍କ ସହିତ ବିରାଜମାନ ଅଛନ୍ତି। ମାତାଙ୍କ ଭବନ କହିଲେ, ଯେଉଁଠି ମାତା ଭୈରବ ନାଥଙ୍କର ବଦ୍ଧ କରିଥିଲେ। ପୁରାତନ ଗୁମ୍ଫା ପାଖରେ ଭୈରବଙ୍କର ଶରୀର ରହିଛି ଓ ତାଙ୍କର ମୁଣ୍ଡ ଉଡ଼ି ଉଡ଼ି ତିନି କିଲୋମିଟର ଦୂର ଭୈରୋ ଘାଟୀରେ ପଡ଼ିଥିଲା ଏବଂ ଶରୀର ଏଠାରେ ରହିଗଲା। ଯେଉଁ ସ୍ଥାନରେ ମୁଣ୍ଡ ପଡ଼ିଲା, ଆଜି ସେହି ସ୍ଥାନ "ଭୈରୋନାଥ ମନ୍ଦିର" ନାମରେ ଜଣାଶୁଣା। କଟରା ଠାରୁ ହିଁ ବୈଷ୍ଣୋ ଦେବୀଙ୍କ ପାଦ ବନ୍ଦନା ଆରମ୍ଭ ହୋଇ ଭବନ ପର୍ଯ୍ୟନ୍ତ ପ୍ରାୟ ୧୩ କିଲୋମିଟର ଓ ଭୈରୋ ମନ୍ଦିର ପର୍ଯ୍ୟନ୍ତ ୧୪.୫ କିଲୋମିଟର ପର୍ଯ୍ୟନ୍ତ ଶେଷ ହୋଇଥାଏ।

ମନ୍ଦିରର ପୌରାଣିକ କାହାଣୀ: ମନ୍ଦିର ସଂପର୍କରେ ଅନେକ ପ୍ରକାରର କଥା ପ୍ରଚଳିତ ରହିଛି। ଥରେ ତ୍ରିକୁଟ ପାହାଡ଼ ଉପରେ ଏକ ସୁନ୍ଦରୀ କନ୍ୟାକୁ ଦେଖି ଭୈରବନାଥ ତାକୁ ଧରିବା ପାଇଁ ଅଗ୍ରସର ହେଲେ। ହଠାତ୍ ସେହି କନ୍ୟା ବାୟୁ ରୂପରେ ପରିବର୍ତ୍ତିତ ହୋଇ ତ୍ରିକୁଟା ପର୍ବତ ଆଡ଼କୁ ଉଡ଼ି ଚାଲିଲେ। ଭୈରବନାଥ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ। କୁହାଯାଏ ଯେ, ସେତେବେଳେ ମାତାଙ୍କୁ ରକ୍ଷା କରିବା ପାଇଁ ସେଠାରେ ପବନ ପୁତ୍ର ହନୁମାନ ପହଞ୍ଚିଗଲେ। ସେତିକିବେଳେ ହନୁମାନଙ୍କୁ ଶୋଷ ଲାଗିବାରୁ ମାତା ତାଙ୍କ ପାଇଁ ଧନୁରେ ପାହାଡ଼ ଉପରକୁ ବାଣ ଚଳାଇ ଏକ ଜଳାଧାର ସୃଷ୍ଟି କଲେ ଓ ସେହି ଜଳରେ ନିଜର କେଶ ମଧ୍ୟ ଧୋଇଲେ। ତା'ପରେ ସେଠାରେ ଏକ ଗୁମ୍ଫାରେ ପ୍ରବେଶ କରି ମାତା ନଅ ମାସ ପର୍ଯ୍ୟନ୍ତ ତପସ୍ୟା କଲେ। ହନୁମାନ ତାଙ୍କୁ ଜଗି ରହିଲେ।

ପୁଣି ଭୈରୋନାଥ ସେଠାରେ ପହଂଚି ଉତ୍ପାତ ଆରମ୍ଭ କଲେ। ଏହି ସମୟରେ ଜଣେ ସାଧୁ ଭୈରୋନାଥଙ୍କୁ କହିଲେ, "ତୁ ଯାହାକୁ ଏକ କନ୍ୟା ଭାବୁଛୁ, ସେ ଆଦିଶକ୍ତି ଜଗଦମ୍ବା। ଏଣୁ ସେହି ମହାଶକ୍ତିଙ୍କ ପିଛା ଛାଡ଼ିଦେ!" ମାତ୍ର


ଶରତ କୁମାର ରାଉତ




ଭୈରୋନାଥ ସାଧୁଙ୍କ କଥା ମାନିଲେ ନାହିଁ। ତେବେ ମାତା ଗୁମ୍ଫାର ଅନ୍ୟ ଏକ ରାସ୍ତାରେ ବାହାରି ଗଲେ। ଏହି ଗୁମ୍ଫା ଆଜି ମଧ୍ୟ ଅର୍ଦ୍ଧ କୁମାରୀ ବା ଆଦି କୁମାରୀ ନାମରେ ପ୍ରସିଦ୍ଧ। ଅର୍ଦ୍ଧ କୁମାରୀ ପୂର୍ବରୁ ମାତାଙ୍କ ଚରଣ ପାଦୁକା ମଧ୍ୟ ଏଠାରେ ରହିଛି, ମାତା ଦୌଡ଼ି ଦୌଡ଼ି ମୁହଁ ବୁଲେଇ ଭୈରବନାଥକୁ ଦେଖିଥିଲେ। ଶେଷରେ ଗୁମ୍ଫାରୁ ବାହାରି କନ୍ୟା ଦେବୀଙ୍କ ରୂପ ଧାରଣ କଲେ ଓ ଭୈରବନାଥ ଫେରି ଯିବାର ସଙ୍କେତ ପାଇ ପୁଣି ଗୁମ୍ଫାକୁ ଚାଲିଗଲେ। କିନ୍ତୁ ଭୈରବନାଥ କିଛି ସମୟ ପରେ ପୁଣି ଗୁମ୍ଫାରେ ପ୍ରବେଶ କରିବାକୁ ଲାଗିଲା। ଏହା ଦେଖି ମାତାଙ୍କ ଗୁମ୍ଫା ଜଗିଥିବା ହନୁମାନ ଭୈରବନାଥ ସହ ଯୁଦ୍ଧ କରିବାକୁ ଆହ୍ୱାନ ଦେଲେ ଓ ଉଭୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା। ଯୁଦ୍ଧର ଶେଷ ନହେବା ଦେଖି ମାତା ବୈଷ୍ଣୋ ଦେବୀ ମହାକାଳୀ ରୂପ ଧାରଣ କରି ଭୈରବନାଥକୁ ବଦ୍ଧ କରିଦେଲେ।

ତେବେ କୁହାଯାଏ ଯେ, ଭୈରବନାଥ ନିଜ ମୃତ୍ୟୁ ପରେ ନିଜ ଭୁଲର ଅନୁଭବ କଲେ ଓ ସେ ମାତାଙ୍କ ଠାରୁ କ୍ଷମା ଭିକ୍ଷା କଲେ। ମାତା ବୈଷ୍ଣୋ ଦେବୀ ଜାଣିଥିଲେ ଯେ, ତାଙ୍କ ଉପରେ ଆକ୍ରମଣ କରିବା ପଛରେ ଭୈରବଙ୍କର ପ୍ରମୁଖ ଅଭିପ୍ରାୟ ଥିଲା ମୋକ୍ଷ ପ୍ରାପ୍ତି। ସେ ଭୈରବଙ୍କୁ କେବଳ ପୁନର୍ଜନ୍ମ ଚକ୍ରରୁ ମୁକ୍ତି ପ୍ରଦାନ ନୁହେଁ, ବରଂ ତାକୁ ବରଦାନ ଦେଇ କହିଲେ, "ମୋର ଦର୍ଶନ ସେପର୍ଯ୍ୟନ୍ତ ସଫଳ ହେବନି, ଯେପର୍ଯ୍ୟନ୍ତ କୌଣସି ଭକ୍ତ ମୋ ପରେ ତୁମର ଦର୍ଶନ କରିବେ ନାହିଁ!" ମନ୍ଦିରର କଥା: ଉପରୋକ୍ତ କଥାକୁ ବୈଷ୍ଣୋ ଦେବୀଙ୍କ ଭକ୍ତ ଶ୍ରୀଧର ସଂପର୍କରେ ଦେଖା ଯାଇପାରେ। ସାତ ଶହରୁ ଅଧିକ ବର୍ଷ ତଳେ କଟରାରୁ କିଛି ଦୂରରେ ଅବସ୍ଥିତ ହଂସାଳୀ ଗାଁରେ ମା'ବୈଷ୍ଣୋ ଦେବୀଙ୍କ ପରମ ଭକ୍ତ ଶ୍ରୀଧର ରହୁଥିଲେ। ସେ ନିଃସନ୍ତାନ ଓ ଦରିଦ୍ର ଥିଲେ। ସେ ପ୍ରାୟ ଭାବୁଥିଲେ, ଦିନେ ସେ ମାତାଙ୍କ ପୂଜା ରଖିବ। କିଛି ଦିନ ପରେ ଶ୍ରୀଧର ଆଖପାଖର ସବୁ ଗାଁ ଲୋକଙ୍କୁ ପ୍ରସାଦ ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କଲେ। ପୂଜା ଦିନ ଶ୍ରୀଧର ଘର ଘର ବୁଲିଲେ, ଯେପରି କିଛି ଭୋଜନ ସାମଗ୍ରୀ ମିଳିବ ଓ ସେଥିରେ ଭକ୍ତ ମାନଙ୍କୁ ସେ ପ୍ରସାଦ ଖୁଆଇ ପାରିବେ। ଯେତିକି ଲୋକେ ତାଙ୍କୁ ସାହାଯ୍ୟ ଦେଲେ, ତାହା ଠାରୁ ବହୁ ଅଧିକ ଭକ୍ତ ଥିଲେ। ସେ ଭାବୁଥିଲେ



ଯେ, ଏତେ କମ୍ ସାମଗ୍ରୀରେ ସମସ୍ତଙ୍କ ପାଇଁ ଭୋଜନ କିପରି ହେବ। ପୂଜା ପୂର୍ବ ଦିନ ଏକଥା ଭାବି ଶ୍ରୀଧର ଟିକେ ବି ଶୋଇ ପାରିଲେ ନାହିଁ। ତଥାପି ମାତାଙ୍କ ଉପରେ ତାଙ୍କର ବିଶ୍ୱାସ ଥିଲା। ସେ ତାଙ୍କର ଝୁମ୍ପୁଡ଼ି ବାହାରେ ପୂଜାରେ ବସିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ଅତିଥି ମାନେ ପହଂଚିଗଲେ। ଆଶ୍ଚର୍ଯ୍ୟର କଥା ଯେ ସେହି ଛୋଟିଆ ଝୁମ୍ପୁଡ଼ିରେ ଅତିଥି ମାନେ ସହଜରେ ବସି ପାରିଲେ। ଶ୍ରୀଧର ନିଜର ଆଖି ଖୋଲିଲେ ଓ ଭାବିଲେ, 'ଏ ସମସ୍ତଙ୍କୁ ସନ୍ତୁଷ୍ଟ କିପରି କରିବି!...'ଏତିକିବେଳେ ଗୋଟିଏ ଛୋଟ ଝିଅ ଝୁମ୍ପୁଡ଼ି ଭିତରୁ ବାହାରି ଆସିବା ଦେଖାଗଲା। ସେ ଭଗବାନଙ୍କ କୃପାରୁ ହିଁ ଆସିଥିଲା। ସେ ନିଜେ ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନ ପରସିଲା। ସବୁକିଛି ସୁରୁଖୁରୁରେ ସଂପନ୍ନ ହେଲା। ଏବେ ଶ୍ରୀଧର ସେହି ଛୋଟ ଝିଅଟି ସଂପର୍କରେ ଜାଣିବାକୁ ଚାହିଁଲେ ମଧ୍ୟ ସେ ଆଉ କେଉଁଠି ଦେଖା ଗଲା ନାହିଁ।

ଏହାର ଅନେକ ଦିନ ପରେ ସେହି ଛୋଟ ଝିଅ ସଂପର୍କରେ ଶ୍ରୀଧର ସ୍ୱପ୍ନରେ ଜାଣିଲେ ଯେ, ସେହି ଝିଅଟି ସ୍ୱଂୟ ବୈଷ୍ଣୋ ଦେବୀ ଥିଲେ। ମାତାଙ୍କ ରୂପରେ ଆସିଥିବା କନ୍ୟା ତାଙ୍କୁ ଗୁମ୍ଫା ସଂପର୍କରେ କହିଲେ ଓ ୪ ପୁତ୍ରଙ୍କ ବରଦାନ ସହିତ ଆଶୀର୍ବାଦ ଦେଲେ। ଶ୍ରୀଧର ପୁଣି ଥରେ ଖୁସି ହୋଇଗଲେ ଓ ଗୁମ୍ଫାର ଅନୁସନ୍ଧାନରେ ବାହାରି ପଡ଼ିଲେ। ଏହାର କିଛି ଦିନ ପରେ ତାଙ୍କୁ ସେହି ଗୁମ୍ଫା ମିଳିଗଲା। ସେବେଠାରୁ ସେଠାରେ ମାତାଙ୍କ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ଯିବାରେ ଲାଗିଲେ।

ଭୁବନେଶ୍ୱର
ମୋ: ୯୩୩୭୩୬୯୪୪୮

# ଆତଙ୍କବାଦ କବଳରେ ବିଶ୍ୱ

Terrorosm is the unprovoked use of force against non combatant civil population.

ଅନେକଙ୍କ ମତରେ ରାମାୟଣରେ ବର୍ଣ୍ଣିତ ହନୁମାନର ଲଙ୍କାଦହନ ବିଶ୍ୱର ପ୍ରଥମ ଆତଙ୍କୀ ଆକ୍ରମଣ । ଧର୍ମଗତ ବାମପନ୍ଥୀ, ଦକ୍ଷିଣ ପନ୍ଥୀ ବିଚାରଧାରା,ରାଜନୈତିକ ଅସହିଷ୍ଣୁତା କାରଣରୁ ଆତଙ୍କ ବାଦର ସୃଷ୍ଟି ହୁଏ । କେତେକ ରାଷ୍ଟ୍ର ମଧ୍ୟ ଏହାକୁ ପ୍ରୋତ୍ସାହନ ଦିଅନ୍ତି,ଯାହାକୁ State sponsored Terrorism କୁହାଯାଏ। ଏକ ସମୟ ରେ ଲିବିଆ, ସୁଦାନ. ଇରାନ. ଆଫଗାନିସ୍ତାନ, ପାକିସ୍ତାନ ବିଭିନ୍ନ ଆତଙ୍କୀ ଗୋଷ୍ଠିକୁ ସହାୟତା ଯୋଗାଇ ଆସିଛନ୍ତି । ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ଇସ୍ରାଏଲ(ଲେଭାଣ୍ଟ) ଅଧିବାସୀ ମାନେ ରୋମାନ ଆଧିପତ୍ୟ ବିରୁଦ୍ଧରେ ପ୍ରଥମ ଆତଙ୍କୀ ସଂଗ୍ରାମ କରିବାର ନଜିର ଅଛି । ସେତେବେଳେ Tyranicide ସମସ୍ୟର ବା ଅତ୍ୟାଚାରୀକୁ ଯେ କୌଣସି ଲୋକ ହତ୍ୟା କରିବା ଯଥାର୍ଥ ବୋଲି କୁହାଗଲା । ମାତ୍ର ଆତଙ୍କୀ ଶବ୍ଦର ସୃଷ୍ଟି,୧୭୯୪ ମସିହାରେ ଫ୍ରେ- ଦାର୍ଶନିକ ଫ୍ରାଙ୍କୋସିସ ନଏଲ ବାବଫ ପାରିସ ର ମାକମିଲାନ ରବସପିରେ ଙ୍କ ଜାକବିଆନ ଶାସନ ପାଇଁ ପ୍ରୟୋଗ କରିଥିଲେ । ୧୭୯୩ ମସିହାରେ ୧୩ ମାସ ପାଇଁ ପାରିସରେ ଯେଉଁ ଘୃଣା,ହିଂସା ଓ ପ୍ରତିହିଂସାର ଅରାଜକତା ଚାଲିଲା, ତାହାହିଁ ପ୍ରଥମ ଆଧୁନିକ ଆତଙ୍କ ବାଦ ବୋଲି ଐତିହାସିକ ମାନେ ମତପ୍ରକାଶ କରିଛନ୍ତି । ଜେଲରୁ ଖଲାସ ହେଲା ପରେ ଦୁଇ ଲକ୍ଷ ପାରିସ ନାଗରିକ ନିଜର ପ୍ରତିହିଁସା ପୁରଣ ପାଇଁ ପାଗଳ ଭଳି ଲୋକ ମାନଙ୍କୁ ହତ୍ୟା କରିଥିଲେ,ସେମାନଙ୍କୁ ଟେରୋରିଷ୍ଟ କୁହାଗଲା ୧୯୭୦ ମସିହା ସୁଦ୍ଧା ଉତ୍ତର ଆୟରଲାଣ୍ଡର ବିପ୍ଲବ, ପାଲେଷ୍ଟାଇନ-ଇସ୍ରାଏଲ ବିବାଦ, ସ୍ପେନର ବାସକ୍ୱା ବିବାଦ ଜର୍ମାନର ରେଡ ଆର୍ମି ବାବାଦର ମେନଫ ଦଳ, ନିଓ ନାଜି, ନିଓ ଫାସିଷ୍ଟ,ପାଲେଷ୍ଟାଇନର ଲେଇଲା ଖାଲିଦ ଆତଙ୍କ ବାଦୀ ବୋଲି ସେବର୍ଷର ଲାଇଫ ପତ୍ରିକା ପ୍ରକାଶ କରିଥିଲା ।୧୯୮୦ ମସିହାରେ ସୁଇସାଇଡ ଆକ୍ରମଣ ଏହାକୁ ନୂତନ ଦିଗ ଦେଲା ।୧୯୮୩ ବିରୁଟ ଆମେରିକା ସେନ୍ୟ ବାରାକ ଆକ୍ରମଣ ୨୦୦୧ .୯/୧୧ ରେ ଟ୍ରେଡଟାୱାର, ୨୦୦୨ ମସିହାରେ ବାଲି ଦ୍ୱୀପରେ ଆକ୍ରମଣ ପରେ ବିଶ୍ୱରେ War against Terror ଆରମ୍ଭ ହେଲା । ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖ ବିଶ୍ୱଆତଙ୍କ ନିରୋଧି ଦିବସ ବୋଲି ପାଳନ କରାଯାଉଛି । ଡିନାମାଇଟ ଓ ଆର.ଡି.ଏକ୍ସ ର ଉଦଭାବନ ପରେଏହି କାର୍ଯ୍ୟର ପଥ ସୁଗମ ହୋଇଯାଇଛି । ଅନେକ ଆତ୍ମଘାତୀ ଆକ୍ରମଣ ଦ୍ୱାରା ନିଜର ଲକ୍ଷ୍ୟ ପୂରଣ ରେ ସମର୍ଥ ହେଉଛନ୍ତି । କିଛି ଆତଙ୍କ ବାଦୀ ସଂଗଠନ ପରେ କ୍ଷମତା ଅଧିକାର କରି ଶାସନ ଗାଦି କୁ ଯାଉଛନ୍ତି । ଆଫଗାନିସ୍ତାନ ର ତାଲିବାନ ଆତଙ୍କୀ ଏହାର ସଦ୍ୟତମ ଉଦାହରଣ । ନେଲସନ ମାଣ୍ଡେଲା ଙ୍କ ଆଫ୍ରୀକାନ ନେସନାଲ କଂଗ୍ରେସ ଦଳ ଏକ ଆତଙ୍କବାଦୀ ସଂଗଠନରୁ ଜନ୍ମ ନେଇଥିଲା । ହିଟଲର,ଷ୍ଟାଲିନ ଓ ଫିଦାଲ କାଷ୍ଟ୍ରୋ,ଗ୍ୱାଭେରା ହୋଚିମିନଙ୍କୁ ଆତଙ୍କୀ ଛଡା ଅନ୍ୟ କିଛି କୁହାଯାଇପାରିବ ନାହିଁ।

କେତେକ ବିଶିଷ୍ଟ ଆତଙ୍କୀ ସଂଗଠନ:-

ଆଇରିସ ରିଭୋଲୁସନାରି ଆର୍ମି: ଇଂଲଣ୍ଡ ଠାରୁ ସମଗ୍ର ଆୟରଲାଣ୍ଡ କୁ ମୁକ୍ତ କରି ଏକ ରିପ୍ପବିକ ଗଠନ ଏହାର ଲକ୍ଷ୍ୟ ଥିଲା । ମୁଖ୍ୟତଃ ଉତ୍ତର ଆୟାରଲାଣ୍ଡରେ ଏକ କାଥୋଲିକ ଆନ୍ଦୋଳନ ଆକାରରେ ଏହା ଆରମ୍ଭ ହୋଇ ଅନେକ ପ୍ରାଣହାନି ଘଟାଇ ୧୯୯୭ ମସିହା ଶାନ୍ତି ଚୁକ୍ତି ରେ ସମାପ୍ତ ହୋଇଥିଲ । ଏହାର ଆକ୍ରମଣ ରେଫନ୍ତିଲଡ ମାର୍ଶାଲ ଲର୍ଡ ମାଉଣ୍ଟବାଟେନ ନିହତ ହୋଇଥିଲେ ଓ ପ୍ରଧାନ ମନ୍ତ୍ରୀ ମାର୍ଗାରେଟ ଥାଚେର ଅଳ୍ପକେ ବର୍ତ୍ତିଥିଲେ ।

ପାଲେଷ୍ଟାଇନ ଆତଙ୍କୀ: ଏହା ବିଶ୍ୱର ସବୁଠାରୁ ଦୀର୍ଘ ସମୟଧରି ଚାଲିଥିବା ଉଗ୍ରବାଦୀ ଆନ୍ଦୋଳନ । ଇସ୍ରାଏଲ କବଜାରୁ ଅଧିକୃତ ପାଲେଷ୍ଟାଇନ ଭୂମିକୁ ମୁକ୍ତ ଓ ଇସ୍ରାଏଲକୁ ଉଚ୍ଛେଦ ପାଇଁ ଏହା ଚାଲୁଅଛି । ଇସ୍ରାଏଲ ଗଠନ ପୂର୍ବରୁ ଇଗୁମ ଓ ୟଙ୍ଗ ଭଳି ଇହୁଦୀ ଆତଙ୍କୀ ସଂଗଠନ କୁ ନେଇ ଇସ୍ରାଏଲ ଡିଫେନସ ଫୋର୍ସ ଗଠିତ ହେଲା । ୟାସର ଆରାଫତ ଙ୍କ ନେତୃତ୍ୱରେ ପିଏଲଓ ନାମକ ଏକ ଆତଙ୍କୀ ସଂଗଠନ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିଲେ । ଏମାନଙ୍କ ଆକ୍ରମଣ ରେ ୧୯୭୨ ମ୍ୟୁନିଚ ଅଲମ୍ପିକରେ ୧୨ ଜଣ ଅଲମ୍ପିକ ଇସ୍ରାଏଲ ଖେଳାଳୀ ନିହତ ହେଲେ । ପରେ ଅଧିକ ଉଗ୍ର ପାଲେଷ୍ଟାଇନ ସଂଗଠନ ହାମାସ ଓ ହିଜବୁଲ୍ଲା ଆତଙ୍କୀ ଗାଜା ଷ୍ଟ୍ରିପ ଓ ଲେବାନନରୁ ଇସ୍ରାଏଲ ଉପରେ ଆକ୍ରମଣ କରୁଛନ୍ତି ।

ଇକ୍ଷ-ଛରରୟବ: ଅନେକ ଦିନ ଧରି ବିଶ୍ୱବାସୀଙ୍କ ନିଦ ହଜାଇଥିବା ଏହି ସଂଗଠନ ଓସମାନ-ବିନ-ଲାଦେନ ନାମକ ଜଣେ ସାଉଦି ବ୍ୟବସାୟୀଙ୍କ ଅର୍ଥ ରେ ଅଗଷ୍ଟ ୨୦, ୧୯୮୮ ମସିହାରେ ଆରମ୍ଭ ହୋଇଥିଲା । ଆଫଗାନିସ୍ତାନରୁ ରଷିଆ ର ଶାସନର ସମାପ୍ତ ପାଇଁ ପ୍ରାୟ ୪୩ ଟି ମୁସଲିମ ରାଷ୍ଟ୍ରରୁ ଜିହାଦୀ ମାନେ ଆଲକାଇଦା ପତାକା ତଳେ ରଷିଆ ବିରୁଦ୍ଧରେ ଲଢିଥିଲେ । ସେତେବେଳେ ଆମେରିକା ଏମାନଙ୍କୁ ବିପୁଳ ଅର୍ଥ ଓ ଅସ୍ତ୍ରଶସ୍ତ୍ର ଯୋଗାଇଥିଲା । ପରେ ଆମେରିକାର କୁଏଟ ଯୁଦ୍ଧ ବେଳେ ସଉଦି ଆରବିଆ ଓ ପୁଣ୍ୟ ନଗରୀ କାବାରେ ସୈନ୍ୟ ଘାଟି ସ୍ଥାପନ ନେଇ ଲାଦେନର ଆମେରିକା ସହ ମତଭେଦ ହେଲା ଓ ସେ ସଉଦିରୁ ବହିଷ୍କୃତ ହୋଇ ସୁଦାନ ଓ ପରେ ଆ'।ଗାନିସ୍ଥାନ ର ତାଲିବାନ ଆଶ୍ରୟ ରେ ରହିଲା । ୨୦୦୧ ମସିହା ସେପ୍ଟେମ୍ବର ୧୧ତାରିଖ ରେ ଆମେରିକାର ଟ୍ରେଡ ଟାୱାର,ହ୍ୱାଇଟ ହାଉସ ଓ ପେଣ୍ଟାଗନ ଉପରେ ଆତ୍ମଘାତି ବିମାନ ଆକ୍ରମଣ ଲାଦେନ ନିର୍ଦ୍ଦେଶରେ ହୋଥିଲା । ଆଲକାଇବାଦା, Lonely wolf Attack ବା ଜଣେ ବ୍ୟକ୍ତିର ଆତ୍ମଘାତି ଆକ୍ରମଣ ପଦ୍ଧତି ଆପଣାଇଥିଲା । ଏହାର ଆକ୍ରମଣରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନାଜୀର ଭୁଟୋ ନିହତ ହୋଇଥିଲେ । ଭାରତ ସମେତ ସମସ୍ତ ନାଟୋ ରାଷ୍ଟ୍ର ଓ ଆମେରିକାରେ ଅସଂଖ୍ୟ ଆକ୍ରମଣ


ଡାଃ ସୁରେନ୍ଦ୍ର ନାଥ ଦାଶ

ଆଲକାଇଦା ଦ୍ୱାରା ହୋଇଥିଲା ।ଏହାକୁ ଧରିବା ପାଇଁ ଆମେରିକା ଆଫାଗାନିସ୍ତାନ ଉପରେ ଆକ୍ରମଣ କରିଥିଲା । ଲାଦେନ ଗୁପ୍ତରେ ପାକିସ୍ତାନ ପଳାଇ ଆଜାଟୋବାଦ ଠାରେ ଲୁଚିଥିବା ବେଳେ ଆମେରିକାର ସି–ସିଲ ବିମାନ କମାଣ୍ଡୋଙ୍କ ଦ୍ୱାରା ନିହତ ହେଲା (୨୦୧୧)।

ବୋକା ହାରେମ: ନାଇଜେରିଆର ଉତ୍ତରା-ଞ୍ଚଳରେ ମହମଦ ୟୁସୁଫ ଙ୍କ ଦ୍ୱାରା ୨୦୦୯ ମସିହାରେ ଆରମ୍ଭ ହୋଇଥିବା ଏହି ଉଗ୍ରବାଦୀ ସଂଗଠନ ବିଶ୍ୱର ସବୁଠାରୁ ଭୟଙ୍କର ଆତଙ୍କୀ ବୋଲି କୁହାଯାଉଛି । ମହମଦ ୟୁସୁଫ ନାଇଜେରିଆନ ସୈନ୍ୟଙ୍କ ଦ୍ୱାରା ନିହତ ହେଲା ପରେ,ଆବୁବେକର ୟାରକୁ ଏହାର ସର୍ବୋଚ୍ଚ ନେତା ଅଛନ୍ତି । ଜିହାଦ ଦ୍ୱାରା ଇସଲାମ ଧର୍ମକୁ ବିଶୁଦ୍ଧ କରିବା ଓ ଅନ୍ୟ ଧର୍ମ (ଖ୍ରିଷ୍ଟିଆନ)ଓ ପାଶ୍ଚାତ୍ୟ ଶିକ୍ଷାକୁ ରୋକିବା ପାଇଁ ଚର୍ଚ୍ଚ ବିଦ୍ୟାଳୟ ଉପରେ ଆକ୍ରମଣ କରି ସରଳ ଛାତ୍ର ମାନ ଙ୍କୁ ହତ୍ୟା,ବିକ୍ରୟ କରିବା ଭଳି ଜଘନ୍ୟ କାର୍ଯ୍ୟରେ ଏମାନେ ସଂପୃକ୍ତ ।ଏକ ବିସ୍ତୃତ ଅଞ୍ଚ-ଳ ଅଧିକାର କରି ଏମାନେ ଆଫ୍ରିକାନ(ବେନୋ ଷ୍ଟେଟ) କାଲିଫାଟ ପ୍ରତିଷ୍ଠା କରିଛନ୍ତି ।ଏମାନ ଙ୍କ ଆକ୍ରମଣରେ ଚାଦ,କାମୋରିନ ଓ ନାଇଜେରିଆର ଏକ ବିସ୍ତୃତ ଅଂଶରେ ଦୁର୍ଭିକ୍ଷ ଅନାହାର ମୃତ୍ୟୁ ଦେଖା ଦେଇଛି । ଲକ୍ଷଲକ୍ଷ ଲୋକ ଦେଶଛାଡି ପଳାଇଛନ୍ତି । ଏକ ସ୍କୁଲ ଉପରେ ଆକ୍ରମଣ କରି ୬୦ଛାତ୍ରଙ୍କୁ ହତ୍ୟାକରି ୨୫୭ ଛାତ୍ରି ଙ୍କୁ ଅପହରଣ କରି ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲେ । ଝିଅ ମାନଙ୍କୁ ସ୍କୁଲ ଛାଡି ବିବାହ କରିବାକୁ ବାଧ୍ୟ କରିଥିଲେ ।

Ismalic States of Iraq and Levant(Syria).

ବିଶ୍ୱର ସବୁଠାରୁ ନୃଶଂସ ଆତଙ୍କୀ ସଂଗଠନ,(୧୯୯୯ ମସିହାରେ ଆବୁମାସୁବ) ଜାରଉି ଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ପରେ ଆବୁବେକର ବାଗଦାଦୀ ଏହାର ନେତା ହେଲେ ।୨୦୧୯ ମସିହାରେ ଆମେରିକାର ବୋମା ମାଡରେ ବାଗଦାଦି ର ମୃତ୍ୟୁ ହେବାରୁ ଆବୁ ଇବ୍ରାହିମ ବାଗ୍‌ଦାଦୀ ଏହାର ମୁଖ୍ୟ ଅଟନ୍ତି । ୨୦୦୪ ମସିହାରେ ଏହା ଆଲକାଇଦା ସଂଗଠନ ସହ ମିଶିଲା । ୨୦୦୬ ମସିହାରେ ଆଇଏସ ଆଇ ଷ୍ଟେଟ ଘୋଷଣା କଲା । ୨୦୧୪ ମସିହାରେ କାଲିଫେଟ ଘୋଷିତ ହୋଇ ଆଫ୍ରିକାର ଉତ୍ତର ଅଂଶ(ଇଜିପ୍ଟ,ଲିବିଆ,ନାଇଜେରିଆ ଚାଦ), ମଧ୍ୟ ଏସିଆ(ଇରାନ ଇରାକ,ସଉଦି ଆରବ ସିରିଆ,ପାଲେଷ୍ଟାଇନ),ଏସିଆ(ଭାରତ, ପାକିସ୍ଥାନ ଆଫାଗାନିସ୍ଥାନ) ୟୁରୋପ(ତୁର୍କି ସ୍ପେନ,ଫ୍ରାନସ) କୁ ନିଜ ରାଜ୍ୟ ବୋଲି ଦାବିକଲା । ଏହା ସିରିଆ ଓ ଇରାକ ର ୧୦ ମିଲିଅନ ଜନସଂଖ୍ୟା ବିଶିଷ୍ଟ ବିସ୍ତୃତ ରାଜ୍ୟ ଓ ଅନେକ ତୈଳଖଣି ଅଧିକାର କଲା । ଇରାକର ଏକ ମୁଖ୍ୟ ସହର ମୋସୁଲ କୁ ଅଧିକାର କଲା । ସିରିଆର ରାକ୍ୱି କୁ ନିଜର ରାଜଧାନୀ କରି ଉଭୟ ଦେଶରେ ଧ୍ୱଂସଲିଲା ଆରମ୍ଭ କଲା । ଅଧିକାର କରୁଥିବା ଲୋକଙ୍କ ମୁଣ୍ଡ କାଟିବା ଏକ ସାଧାରଣ ଦୃଶ୍ୟ ଥିଲା । ଘରଦ୍ୱାର ଜାଳି ଦେଉଥିଲେ । ନାରୀ ମାନଙ୍କୁ ବେଶ୍ୟାବୃତି କରିବା ପାଇଁ ବାଧ୍ୟ କରୁଥିଲେ । ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶିକ୍ଷିତ ମୁସଲମାନ ଯୁବକ ଧର୍ମ ଯୁଦ୍ଧରେ ଯୋଗ ଦେବା ପାଇଁ ଏହାର ପତକା ତଳେ ଏକାଠି ହେଲେ । ଶେଷ ଅଣମୁସଲମାନର ନିଧନ ପର୍ଯ୍ୟନ୍ତ ସଂଗ୍ରାମ ଚାଲିବ ବୋକି ଘୋଷଣା କରାଗଲା । ଏହାର ପତାକାରେ ମହମ୍ମଦ ଙ୍କ ସିଲ ଧଳାବୃତ୍ତ ଝଷରକ୍ସର ସଷ୍ୱ ଭକ୍ଟ କ୍ଟଷ୍ପଷରକ୍ସ ଏକ୍ଟୟ ଭଙ୍କଷ୍ପ ଇକ୍ଷକ୍ଷବଷ ଲେଖା ରହିଥିଲା । ୨୦୧୪ ମସିହାରେ ଏହାକୁ ଦମନ କରିବାକୁ ଆମେରିକା ନେତୃତ୍ୱରେ ମିଳିତ ସେନା ଆକ୍ରମଣ ଆରମ୍ଭ କଲେ । ସିରିଆ ଓ ଇରାକର ସରକାରୀ ସୈନ୍ୟ ତାଙ୍କ ସହ ମିଶିଲା ପରେ ବିପର୍ଯ୍ୟୟ ଆରମ୍ଭ ହେଲା ।୨୦୧୭ ମସିହାରେ ମୋସୁଲ ରପତନ ଘଟିଲା । ରାଜଧାନୀ ରାକ୍ୱିର ପତନ ଘଟି ସିରିଆନ ସୈନ୍ୟଙ୍କ ଦ୍ୱାରା ଅଧିକୃତ ହେଲା ।୨୦୧୯ ମସିହାରେ ତାଙ୍କର ଶେଷ ତମ୍ବୁ ସହର ଆଲ-ରସୁଲ ସିରିଆ ଦ୍ୱାରା ଅଧିକୃତ ହେଲା ।ଏହା ପରେ ମଧ୍ୟ ଅନେକ ମୁସଲମାନ ରାଷ୍ଟ୍ରରେ ସେମାନେ ଆଡଡା ଜମାଇ ବିଶ୍ୱ ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ନିକଟରେ କାବୁଲ ବିମାନ ବନ୍ଦର ଠାରେ ବୋମା ବିସ୍ଫୋରଣ ଘଟାଇ ଆମେରିକା ସେନାଙ୍କୁ ହତ୍ୟାକରିବାରେ ଆଇଏସଆଇ ସଂଗଠନର ହାତ ଅଛି ବୋଲି ଜଣା ପଡିଛି

ତାଲିବାନ: Taliban ruled Afaganistan will be another North Korea in World poltics. ତାଲିବାନ ଆତଙ୍କ ବାଦୀ ସଂଗଠନ ୧୯୮୬ ମସିହାରେ କାନ୍ଦାହାର ସହର(ଆଫାଗାନିସ୍ତାନ) ରେ ମୁଲ୍ଲା ଓମାର ଙ୍କ ଦ୍ୱାରା, କିଛି ପାକିସ୍ତାନ ମାଦ୍ରାସା ପ୍ରଶିକ୍ଷିତ ମୌଳବାଦୀ (୮୦ ଜଣ)ଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ସେତେବେଳେ ଆଫାଗାନିସ୍ତାନ ରେ ମୁଜାହିଦ ମାନେ ରଷିଆ ବିରୁଦ୍ଧରେ ଲଢୁ ଥାଆନ୍ତି ।୧୯୮୯ ମସିହାରେ ରଷିଆର ସୈନ୍ୟ ପ୍ରତ୍ୟାହାର ପରେ ମିଳିତ ମୁଜାହିଦ ସରକାର ଗଠନ କଲା । ମାତ୍ର ସେମାନେ କଳହରେ ବ୍ୟାପୃତ ରହିବାରୁ ତାଲିବାନ ମାନେ ସୈନ୍ୟ ବାହିନି ଗଠନ କରି ଅଳ୍ପ ଦିନ ମଧ୍ୟରେ ରାଜଧାନୀ କାବୁଲ ଅଧିକାର କଲେ । ମାତ୍ର ଆତଙ୍କୀ ଓସମାନ ଲାଦେନଙ୍କୁ ଆଶ୍ରୟ ଦେଇ ଆମେରିକାର ଟ୍ରେଡ ଟାୱାର ଆକ୍ରମଣ ପରେ ଆମେରିକା ସାହାଯ୍ୟରେ ନର୍ଥନ ଆଲିଆନସ ଦ୍ୱାରା ତଡା ଖାଇ ବଣଜଙ୍ଗଲରେ ଲୁଚିରହିଲେ (୨୦୦୧)। ଆମେରିକାର ସୈନ୍ୟ ଅପସାରଣ ପରେ ଅଗଷ୍ଟ ୧୫ ତାରିଖରେ ପୁଣି କ୍ଷମତା ଲାଭ କରିଛନ୍ତି ଓ ଆଫଗାନିସ୍ଥାନରେ କଠୋର ଶାସନ ଆରମ୍ଭ କରିଛନ୍ତି। ଲୋକ ମାନେ ପ୍ରାଣ ବିକଳରେ ଦେଶ ଛାଡି ପଳାଇବା ଆରମ୍ଭ କଲେଣି।

ଆତଙ୍କୀ ବଳୟରେ ଭାରତ: ଭାରତ ମଧ୍ୟ ଆତଙ୍କ ବାଦର ବାରମ୍ବାର ଶୀକାର ହୋଇଛି ସ୍ୱାଧିନତା ପୂର୍ବରୁ ଗଦର ଦଳ,ହିନ୍ଦୁ ରାଷ୍ଟ୍ର, ଯୁଗାନ୍ତର ଭଳି ଆତଙ୍କୀ ସଂଗଠନ ଦେଶର ସ୍ୱାଧିନତା ପାଇଁ ଇଂରେଜ ମାନଙ୍କୁ ଆକ୍ରମଣ କରୁଥିଲେ । ସ୍ୱାଧିନତା ପରେ ଅନେକ ଦେଶ ବିରୋଧି ଆତଙ୍କୀ ସଂଗଠନ ବାରମ୍ବାର ଆକ୍ରମଣ କରି ଅନେକ ଧନଜୀବନ ହାନି ଘଟାଇଛନ୍ତି । ୮୦ ଦଶକର ଟେଫିନ ବୋମା, ସାଇକେଲ ବୋମା, ଖେଳନା ବମ,ରେଡିଓ ବମର ବିସ୍ଫୋରଣରେ ଦିଲ୍ଲୀ ରାସ୍ତା କମ୍ପୁଥିଲା । ପରେ ସିରିଆଲ ବୋମା ଫୁଟିଲା । କାଶ୍ମୀରରେ ସବୁବେଳେ ଆକ୍ରମଣ ଲାଗିରହିଛି । ସମସ୍ତ ପଣ୍ଡିତ ମାନେ ଉପତ୍ୟକା ଛାଡିଜାମୁ କୁ ପଳେଇ ଆସିଛନ୍ତି ।୨୦୦୮ ମସିହାରେ ବମ୍ବେ ଉପରେ ପାକିସ୍ତାନରୁ ଆସି ଆତଙ୍କୀ ମାନେ ଆକ୍ରମଣ କରି ଅନେକ କ୍ଷତି କରିଛନ୍ତି । ପାର୍ଲିଆମେଣ୍ଟ, ଅକ୍ଷରଧାମ, ବନାରସ, ବୋଧଗୟା ଭଳି ତୀର୍ଥସ୍ଥାନ, ପୁନା ଜର୍ମାନ ବେକାରୀ, ହାଇଦ୍ରାବାଦ ଚାରମିନାର ଭଳି ଉପରେ ଆକ୍ରମଣ ହୋଇଛି । ସୈନ୍ୟ ଶିବିର,ସାମରିକ ଗାଡି ଲକ୍ଷ୍ୟ କର ଆକ୍ରମଣ କରୁଛନ୍ତି । ଆମର ଦୁଇଜଣ ପ୍ରଧାନ ମନ୍ତ୍ରୀ ଆତଙ୍କୀ ଆକ୍ରମଣରେ ନିହତ ହୋଇଛନ୍ତି । ଖଲିସ୍ତାନ,ମିଜୋ, ନାଗା,ବୋଡୋ ନାନା ପ୍ରକାର ଉଗ୍ରପନ୍ଥୀ ମାନେ ସବୁବେଳେ ହିଂସା କରିବା ପାଇଁ ଛକି ରହିଛନ୍ତି। ଅନ୍ୟ ପାର୍ଶ୍ୱରେ ମାଓ ପନ୍ଥୀ ନକସଲ ମାନେ ଏକ ରେଡ କରିଡର କରି ନିଜ ଅକ୍ତିଆର ରେ କିଛିଅ-ଳ ରଖିଛନ୍ତି । ଆତଙ୍କ ବାଦ ହିଁ ଆମର ପ୍ରଗତିର ମୁଖ୍ୟ ବାଧକ ହୋଇଛି । ଆତଙ୍କବାଦୀ ମାନେ ବି ଆମପରି ମଣିଷ । ଅନେକ ଉଚ୍ଚ ଶିକ୍ଷିତ ବ୍ୟକ୍ତି ସେଥିରେ ଅଛନ୍ତି । ରାଷ୍ଟ୍ରର ଅତ୍ୟାଚାର,ଗଣତାନ୍ତ୍ରିକ ଅଧିକାରକୁ ପ୍ରତ୍ୟାଖାନ ସେମାନଙ୍କୁ ଉଗ୍ରବାଦୀ ହେବାକୁ ବାଧ୍ୟ କରୁଛି । ଆମେରିକା ହିଁ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଅନେକ ଆତଙ୍କୀ ସଂଗଠନ ତିଆରି କରି ତା ଫଳ ଏବେ ଭୋଗୁଛି । ସେମାନେ ତା ପାଇଁ ଭସ୍ମାସୁର ହୋଇଛନ୍ତି । ଯେପର୍ଯ୍ୟନ୍ତ ଆମେ ଅନ୍ୟକୁ ତାର ନାର୍ଯ୍ୟ ଅଧିକାର ନ ଦେବା, ଆତଙ୍କ ବାଦ ଆମ ସମାଜରେ ବ-ଞ୍ଚି ରହିଥିବ।। Society is both the preparator and victim of Terrorism ଏହା ହିଁ କାଳେ କାଳେ ସତ୍ୟ କଥା।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬




# ଅନ୍ଧାରର ଆଁ ଭିତରେ ଚେନାଏ ଆଲୋକ


ବିପ୍ଳବ

ବୋଲେରୋ ଗାଡ଼ିଟି ଦ୍ରୁତ ବେଗରେ ଆସି ବ୍ରିଜ୍ ଉପରେ ଅଟକି ଗଲା ଆଉ ଅଚାନକ ଗାଡିର ହେଡ଼ ଲାଇଟ୍ ବନ୍ଦ ହେଇଗଲା କ୍ଷ ଡିପରର ଝାପ୍ସା ଆଲୁଅ ଡିବି ଆଲୁଅ ପରି ମଳିଛିଆ ଦିଶୁଥାଏ । ସାମନା ରାସ୍ତା ସ୍ପଷ୍ଟ ଦିଶୁ ନଥାଏ । ଗାଡ଼ିର ସାଇଟ୍ ଡୋର ଖୋଲି ତିନିଜଣ ପଦାକୁ ବାହାରି ଆସିଲେ ଆଉ କଣ ଗୋଟେ ବୋହି ନେବା ପରି ଜଣା ପଡୁଥାଏ । ମୁଁ ସାମାନ୍ୟ ଶଙ୍କିଗଲି । ଫୋନରେ କଥାବାର୍ତ୍ତା ବନ୍ଦ କରିଦେଲି ଆଉ ତାଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କଲି କ୍ଷକଣ ଗୋଟେ ଫୋପାଡି ଦେଇ ମୁହୂର୍ତ୍ତକ ମଧ୍ୟରେ ସେମାନେ ଅନ୍ଧାର ଭିତରେ ଆଶରୀରୀ ପରି ଅଦୃଶ୍ୟ ହେଇଗଲେ । ମୁଁ ମୋବାଇଲକୁ ଲକ୍ଷ୍ୟ କଲି କ୍ଷ ରାତି ନ ’ ଟା ଛୟାଳିଶି । ଚାରିଆଡ଼ କିଟି କିଟି ଅଫିମ ଅନ୍ଧାର । ଜଙ୍ଗଲିଆ ରାସ୍ତା । ଛନକା ଲାଗୁଥାଏ । ମୋର ଫୋନ୍ ରିଙ୍ଗ୍ ନ ହୁଏ କି ମୁଁ ଏଠି ନ ଅଟକେ ! ଗାଡ଼ି ଷ୍ଟାର୍ଟ କଲି । ବ୍ରିଜ୍ ର ସେଇ ଜାଗାକୁ ଗଲି । କଳା ପିଚୁ ଉପରେ ଟାୟାର ଘୋଷାଡି ହେବାର ଚିହ୍ନ ସ୍ପଷ୍ଟ ଦିଶୁଥାଏ । ପତଳା ଜଙ୍ଗଲିଆ ରାସ୍ତାରେ ବ୍ରିଜ୍ ଟି ଅପେକ୍ଷାକୃତ ଛୋଟ । ବ୍ରିଜ୍ ତଳେ ସବୁଦିନିଆ ଝରଣାର ଗୋଟିଏ ସରୁ ସ୍ରୋତ ପ୍ରବାହିତ ହେଉଥିଲା । ଗାଡ଼ି ଲାଇଟରେ ସ୍ପଷ୍ଟ ଜଣା ପଡିଲାନି । ମୋବାଇଲ୍ ଟର୍ଚ୍ଚ ଅନ୍ କଲି । ପୁରୁଣା ବେଡ଼ସିଟ୍ କଭର ଗୋଟେ ଅଳ୍ପ ଅଳ୍ପ ଦିଶୁଥିଲା । ବେଡ଼ସିଟର ଅଧିକାଂଶ ପଥର ସନ୍ଧି ଆଉ ଘାସ ଭିତରେ ଲୁଚିବାପରି ଜଣା ପଡୁଥାଏ । ଡର ଲାଗୁଥିଲେ ବି ତଳକୁ ଯିବାପାଇଁ ସାହସ ଯୁଟେଇଲି ଭିତରେ । ତଳକୁ ଯିବାପାଇଁ ସେମିତି କିଛି ରାସ୍ତା କି ପାହାଚ୍ ନଥିଲା । ଖଦଡ଼ିଆ ପଥର ଫାଙ୍କରେ ଆସ୍ତେ ଆସ୍ତେ ପାଦ ପକେଇ ଅଗ୍ରସର ହେଲି ।

ବେଡ଼ସିଟ ଭିତରୁ କଳା ମସ ମସ ବାଳ ବାହାରକୁ ଦିଶୁଥାଏ ଆଉ ବାଳର ଅଗ୍ର ଭାଗରେ ପିଙ୍କ୍ କଲର କ୍ଲାମ୍ପ ମରା ହେଇଥିଲା । ବେଡ଼ସିଟ ଟେକି ଦେଖିଲି ଗୋଟେ ଝିଅର ଶବ । ବୟସ ଚବିଶ ପଚିଶ ହେବ । ଦେହର ପୋଷାକରୁ ସମ୍ଭ୍ରାନ୍ତ ଜଣା ପଡୁଥାଏ । ମୁଣ୍ଡ ଫାଟି ରକ୍ତ ଝରୁଥାଏ । ବୋଧହୁଏ ସେଇ ନର ରାକ୍ଷସମାନଙ୍କର ଏଇ କାମ । ହେ ଭଗବାନ.. କେହି ଯଦି ମୋତେ ଦେଖେ ଏଠି.. ଏ ହତ୍ୟା ନା ରେପ ପରେ ହତ୍ୟା ! ମନ ପାପ ଛୁଁ ଥିଲା । ମୋର କର୍ତ୍ତବ୍ୟ କଣ ଏ ପରିସ୍ଥିତିରେ ? ବଂଚିଛି କି ମରିଯାଇଛି ଜାଣିବା ପାଇଁ ନାକ ପାଖକୁ ଆଙ୍ଗୁଠି ନେଲି କ୍ଷ ଆଙ୍ଗୁଠି ଉଷୁମ ଲାଗିଲା । ତେବେ ଝିଅଟି କଣ ବଂଚିଛି ! ଝରଣାରୁ ଆଞ୍ଜୁଳେ ପାଣି ଆଣି ତା ମୁହଁରେ ଛାଟିଲି । ସାମାନ୍ୟ ହଲଚଲ ହେବା ପରି ଲାଗିଲା ।ୟାକୁ ଏ ଅବସ୍ଥାରେ ଛାଡିବା ଅମଣିଷ କାମ ହେବ । ଯାହାହେଉ ଦେଖାଯିବ । ବିଟୁ ଆଉ ରଞ୍ଜନକୁ ଫୋନ୍ କଲି । ସେମାନେ ଆମ ସେବାବିନ୍ଦୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସକ୍ରିୟ କର୍ମକର୍ତ୍ତା । ଝିଅଟି ବଂଚିଛି ଏତିକି ଆଶ୍ୱାସନା ମୋ ପାଇଁ ଯଥେଷ୍ଟ । ବହୁତ କଷ୍ଟରେ ତାକୁ ଟେକି ରାସ୍ତା କଡ଼କୁ ଆଣିଲି । କିଛି ସମୟ ମଧ୍ୟରେ ସେ ଦୁଇଜଣ ପହଂଚି ଗଲେ । ଏଠୁଁ ସାତ କିଲୋମିଟର ସରକାରୀ ହସ୍ପିଟାଲ୍ । ବିଟୁ ମୋ ବାଇକ ଆଣି ଅଟୋ ପଛରେ ଆସିଲା । ମୁଁ ଝିଅଟିକୁ ଅଟୋରେ ଆଉଜେଇ ବସି ଧରିଲି ।

ବେଡ୍ ଆଡ଼ମିସନ ପାଇଁ ଫର୍ମ ଫିଲପ୍ ଚାଲିଲା ।

ନାମ : ଲତାରାଣୀ ସାମନ୍ତରାୟ

ବୟସ : ପଚିଶ

ସା : ବାଲିଆ, ଜି : ଢେଙ୍କାନାଳ

ମୁଁ ପ୍ରକୃତରେ ଝିଅଟି ପରିଚୟ ବାବଦରେ ସମ୍ପୂର୍ଣ୍ଣ ଅଜ୍ଞ । କିନ୍ତୁ ଡାକ୍ତରଙ୍କର ପ୍ରଶ୍ନର ସଠିକ୍ ଉତ୍ତର ନଦେଇ ପାରିଲେ ତାଙ୍କୁ ବଂଚେଇବା ମୁସ୍କିଲ୍ ହେଇଯିବ । ମୁଁ ତାଙ୍କୁ ମୋ ମରିଯାଇଥିବା ଭଉଣୀର ପରିଚୟ ଦେଲି, ଯାହାକୁ ଦୁଇମାସ ତଳେ କରୋନାରେ ହରେଇଛି । ଡାକ୍ତରଙ୍କୁ ମିଛ କହିବାକୁ ହେଲା । ଭୋଜିଖାଇ ଫେରୁଥିବା ସମୟରେ ସାମାନ୍ୟ ମୁଣ୍ଡ ବୁଲେଇଲା ଆଉ ଗାଡିରୁ ସେ ପଡିଗଲା ବେଳେ ଆଉ ଗୋଟିଏ ଗାଡ଼ି ପିଟିଦେଇ ଚାଲିଗଲା ।

ଘରକୁ ଫୋନ୍ କଲି । ଆରାଧନା ସହ ଏ ବିଷୟରେ କଥା ହେଇଗଲି । ସେ ଖୁସି ହେଲା । କାରଣ ସେ ସେବା ବିନ୍ଦୁର ଜଣେ ସକ୍ରିୟ ସଦସ୍ୟା ଥିଲା । ଆମର ବାହାଘର ପରେ ମୁଁ ତାଙ୍କୁ ଏ କାମରେ କିଛି ସହାୟତା କରୁଛି ଯାହା । ମୋର ଏ ସେବା ମନୋଭାବ ପଛରେ ଆରାଧନାର ପ୍ରେରଣା ହିଁ ଥିଲା । ଝିଅଟିର ହୋସ୍ ନ ଆସିବା ଯାଏଁ ଏଠି ରହିବାକୁ ସେ ପରାମର୍ଶ ଦେଲେ । ସକାଳୁ ନିଜେ ଆସିବେ ବୋଲି ପ୍ରତିଶ୍ରୁତି ଦେଲେ ମଧ୍ୟ । ସାଲାଇନ୍ ଚାଲିଥାଏ । ଝିଅଟି ହୋସ୍ କୁ ଆସି ନଥାଏ , ଦୁଇଟି ବେଡ୍ ଛାଡ଼ି ଗୋଟେ ବେଡ଼ ଖାଲି ଥିଲା । ମୁଁ ସେଇଠି ଆଉଜି ବସିଲି କ୍ଷ କେତେବେଳେ ନିଦ ହେଇଯାଇଥିଲା କେଜାଣି, ଜାଣିନି । ପାଖ ବେଡ଼ର ଜଣେ ମାଉସୀ ମୋତେ ହେଲେଇ ଦେଲେ

– ‘ପୁଅ, ସେ ଝିଅର ହୋସ୍ ଆସିଲାଣି ।‘

ଛାତି ଭିତର ଦାଁଉକିନା ହେଇଗଲା । ନିଦ ଫେରାର ହେଇଗଲା ଯେମିତି ଆଖିରୁ । ମୁଁ ଚଟ୍ କରି ପାଖକୁ ଆସିଲି । ଆଖିରୁ ଦୁଇ ଧାର ଲୁହ ବୋହି ଯାଉଥିଲା । ହାତ ବଢେଇ ବୋହୁଥିବା ଦୁଇଧାର ଲୁହକୁ ପୋଛି ଦେଲି । ସେ କଇଁ କଇଁ ହେଇ କାନ୍ଦିଲା ଆଉ ପ୍ରଶ୍ନ କଲା –‘ଆପଣ କିଏ ?‘

ୱାର୍ଡ ସାରା ସମସ୍ତେ ନିଦ୍ରାରେ । ସେ ମାଉସୀ ବୋଧେ ବାଥରୁମ୍ ଯାଇଥିଲେ !

ରକ୍ଷା ଅଛି କେହି ଶୁଣି ନାହାଁନ୍ତି ମୁଁ ଯାଙ୍କର କେହି ନୁହେଁ ବୋଲି ।

ମୁଁ ଅପେକ୍ଷାକୃତ ନିମ୍ନ ସ୍ୱରରେ କହିଲି ’ଭାଇ ’

ତା ଆଖି ହଳକ ଆହୁରି ଫାରି ହେଇଗଲା ଯେମିତି ।

ତା ଭିତରୁ ଭୟ ଆଉ ଯନ୍ତ୍ରଣାକୁ ମୁଁ ସ୍ପଷ୍ଟ ଭାବରେ ପଢ଼ି ପାରୁଥିଲି ।

ସେ ପ୍ରଶ୍ନ କଲା – କୋଉଠି ସେମାନେ, ପୁଣି ମୋତେ ମାରିଦେବେ..

ମୁଁ ଆଶ୍ଚର୍ଯ୍ୟ ହେଲି । ତେବେ ୟାଙ୍କୁ ବ୍ରିଜ୍ ତଳକୁଫିଙ୍ଗିଥିବା ଲୋକେ ଆଉ କେହି ନଥିଲେ ... ଥିଲେ ନିଜ ରକ୍ତର.. ଆଉ ଭାଇ..

– ‘ଭୟ କରନି । ସେମାନେ କେହି ନାହାନ୍ତି । ମୁଁ ତମକୁ ମେଡିକାଲ ଆଣିଛି । ତମର କିଛି ହେବନି । ’

ମୁଁ ଆଶ୍ୱାସନା ଦେଲି ।

ତପୁ ଦାସ ବାପାଙ୍କର ଏକମାତ୍ର ଝିଅ । ଖୁବ୍ ଗେହ୍ଲି । ମା କେବେ ଏକାକରି ଚାଲିଯାଇଥିଲେ ସେ ସବୁ ବିସ୍ମରଣ ତା’ର । ଉପରେ ତିନି ଜଣ ବଡ଼ ଭାଇ କ୍ଷ ଦୁଇଜଣ ଉଚ୍ଚାପଦସ୍ଥ ସରକାରୀ କର୍ମଚାରୀ । ଆଉ ଜଣେ ମଲ୍ଟି ନାସନାଲ୍ କମ୍ପାନୀରେ ମୋଟା ଅଙ୍କର ଦରମା ପାଇ ଦିଲ୍ଲୀରେ ଅବସ୍ଥାପିତ । ସବୁଦିନ ସମୟ ସମାନ ଯାଏନି । ସମୟ ଦିନେ ପରୀକ୍ଷା ନେଲା ଗେହ୍ଲି ତପୁ ଦାସର କ୍ଷ ଦିନେ ପ୍ରେମ ଆସିଲା ହଜାରେ ଫଗୁଣର ରଙ୍ଗ ନେଇ ଆଉ ଫେରିଗଲା ସର୍ବ ସ୍ୱାନ୍ତ କରି । ପ୍ରେମ କରି ପରିବାର ବିରୁଦ୍ଧରେ ଯାଇ ଫେରାର ହେଇଗଲା ତପୁ ଦାସ । ବିବାହର କିଛିମାସ ପରେ ବାପାଙ୍କର ହୃଦଘାତରେ ମୃତ୍ୟୁ ଆଉ ପ୍ରେମିକ ଅର୍ଥାତ ସ୍ୱାମୀର ଏକ୍ସଟ୍ରା ମାରିଟାଲ ଅଫେୟାର୍ସ ତାକୁ ଲୁହ ନଈରେ ବୁଡ଼ଇ ଦେଲା । ନିଷ୍ଠୁର ସମୟ ଏତିକିରେ ତାକୁ ଛାଡ଼ି ନଥିଲା । ପାଞ୍ଚ ମାସର ଗର୍ଭବତୀ ଥିବା ସ୍ୱତ ? ତାକୁ ଜବରଦସ୍ତ ଆବର୍ସନ କରାଯାଇ ମରଣ ମୁହଁକୁ ଠେଲି ଦିଆ ଯାଇଥିଲା । ବାପ ସମ୍ପତ୍ତିରୁ ଅଧା ଭାଗ ପାଇଁ ସ୍ୱାମୀ ପାଖରୁ ତଡ଼ା ଖାଇବାକୁ ହେଇଥିଲା । ଘରୁ ଲୁଚି ଲୁଚି ଗୋଡ଼ କାଢ଼ିଥିବା ଝିଅଟି ପାଇଁ ପୁଣିଥରେ ସେଇ ଘରର ଫେରନ୍ତା ଚଲାବାଟରେ ଯେମିତି କଣ୍ଟା ବିଛା ଯାଇଥିଲା । ଅଲକ୍ଷଣୀ ବୋଲି ପିଲାଦିନେ ମା ’ କୁ ଖାଇଥିଲା, ବଡ଼ ହେଇ ବାପାଙ୍କୁ ଖାଇଲା, ଭାଇମାନଙ୍କ ସମ୍ମାନ ହାନୀ କଲା । ଶେଷରେ ସ୍ୱାମୀକୁ ଖୁସି ଦେଇ ନପାରି ତଡ଼ା ଖାଇଲା । ଆଉ ଏବେ ଭାଇମାନଙ୍କ ସମ୍ପତ୍ତି ଉପରେ ଆଖି ପକେଇଚି । ଏମିତି ଅପବାଦର ପାହାଡ଼ ମୁଣ୍ଡେଇ ସେ ନିଜ ଭିତରେ ଚାପି ହେଇ ସାରିଥିଲା । ଭାଇମାନେ ନିଜର ସମ୍ମାନ ଆଉ ସମ୍ପତ୍ତି ବଞ୍ଚଇବାକୁ ଯାଇ ଶେଷରେ ଠେଙ୍ଗାରେ ପିଟି ମାରିଦେବାର ଯୋଜନାର ଶିକାର ହେବାକୁହେଲା ।

ଏମିତି ଭୟାନକ ଘଟଣା ଗୋଟେ ସଂସାର କଣ ଜାଣି ନଥିବା ଝିଅ ଜୀବନରେ ଘଟିପାରେ ! ମୋ ଛାତି ଥରୁଥିଲା । ଏମିତି ଅମଣିଷ ଥାଇ ପାରନ୍ତି ? ମୁଁ ତପୁ ଦାସକୁ ବୁଝେଇବି କଣ ନିଜେ କାନ୍ଦି ପକେଇଲି କ୍ଷ ପାଦତଳୁ ଯେମିତି ମାଟି ଖସିଗଲା,, ମୁଁ ଲଥ୍ କରି ତଳେ ବସି ପଡିଲି ।

କାନ୍ଧ ଉପରେ କାହାର ଏ କୋମଳ ସ୍ପର୍ଶ !

ମୁଁ ଆସ୍ତେ କରି ଉପରକୁ ମୁଣ୍ଡ ଟେକିଲି ।

– ‘ ଆରାଧନା, ତମେ ଏତେ ରାତିରେ...

ମୋ ଆଶ୍ଚର୍ଯ୍ୟର ସୀମା ରହିଲାନି ।

– ‘ ହ୍ୱାଟ୍ସଆପରେ ତମେ ତାଙ୍କ ଫଟୋ ଛାଡ଼ିଥିଲ ।ମୁଁ ବସି ମୋବାଇଲ ଦେଖୁଥିଲି । ଗୋଟେ ନିଉଜ ପୋର୍ଟାଲରେ ଜଣଙ୍କ ଭିଡିଓ କ୍ଲିପ ଦେଖିଲି । ୟାଙ୍କ ଫଟୋ ବି ଦେଖିଲି । ତାଙ୍କ ଭାଇ ଅଭିଯୋଗ କରିଛନ୍ତି ଟଙ୍କା ପାଇଁ କେହି ତାଙ୍କ ଅଲିଅଳୀ ଭଉଣୀଙ୍କୁ କିଡନାପ୍ କରିଛି । ସେ ମୃତ କି ଜୀବିତ ସେମାନେ ଏବେ ସନ୍ଦେହରେ... କିଛି ଅସୁବିଧା ଆଶଙ୍କାକରି ରଞ୍ଜନଙ୍କୁ କଲ୍ କରି ଡାକିଲି । ସେ ଅଟୋ ପାର୍କିଂ କରି ଆସୁଛନ୍ତି ।

ସାମାନ୍ୟ ଆଶ୍ୱସ୍ତ ହେଲି ।

ତପୁ ଦାସ ସେତେବେଳେକୁ ସବୁ କାନ ଡେରି ଶୁଣୁଥିଲା ।

– ‘ ତମେ ଜମା ବ୍ୟସ୍ତ ହୁଅନି । ତମକୁ ଯିଏ ଆଡ଼ମିସନ୍ କରିଛନ୍ତି ମୋ ସ୍ୱାମୀ କ୍ଷ ତମର ଆଉ କେହି କ୍ଷତି କରି ପାରିବେନି କ୍ଷ ତମ ଭାଇ ମାନଙ୍କ ପାଇଁ ତମେ ଦୂର ଆକାଶର ତାରା, ସେମାନେ ତମକୁ ଛୁଇଁବା ମୁସ୍କିଲ । ଆମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଁ ତମେ ଆଉ ଗୋଟେ ତାରକା ହେଇ ଝଲସିବ କ୍ଷ ତମକୁ ନ୍ୟାୟ ମିଳିବାଯାଏଁ ଆମ ସଂଗ୍ରାମ ଜାରି ରହିବ । ତମେ ଆମ ପରିବାର ଆଉ ଅନୁଷ୍ଠାନର ସଦସ୍ୟ ହେଇ ରହି ପାରିବ । ଖାଇବା, ପିଇବା, ରହିବା ଅସୁବିଧା ହେବନି । ତମ ଜୀବନକୁ ଇଏ ରକ୍ଷା କଲେ, ତମେ ଆଉ କାହା ଜୀବନ ରକ୍ଷା କରି ପାରିବ । ଦେଖିବ, ଅନ୍ୟ ପାଇଁ ଜିଇବାରେ କେତେ ଆନନ୍ଦ..! ଦୁଇମାସ ତଳେ ମୋ ସାନ ନଣନ୍ଦ କରୋନାରେ ଚାଲିଗଲେ । ଇଏ ବହୁତ ଭାଙ୍ଗି ପଡ଼ିଥିଲେ । ଏବେ ତମେ ତାଙ୍କ ଶୂନ୍ୟ ସ୍ଥାନ ପୂରଣ କରିଲ । ତପୁ ଦାସ ଏବେ ଲତା ସାମନ୍ତରାୟ । ମୋ ଗେହ୍ଲୀ ନଣନ୍ଦ । ତପୁ ଦାସ ଆଖି ହଳକରୁ ଦୁଇଧାର ଆନନ୍ଦାଶ୍ରୁ ବହିଗଲା । ଅନ୍ଧାରର ଆଁ ଭିତରେ ଚେନାଏ ଆଲୋକ ଝଲସି ଉଠିଲା ଯେମିତି । ଛୋଟ ଛୁଆ ପରି ସେ ଜାକିହେଇ ଆସିଲା ଆରାଧନାଙ୍କ କୋଳକୁ ।

ମକୁନ୍ଦ ପୁର, ବାଙ୍କୀ

ମୋ : ୯୪୩୭୪୬୮୦୧୬

---

## ବିଦଗ୍ଧ ଭାବଟେ ହୋଇ...

*ଲୋପାମୁଦ୍ରା ଜେନା*



ଯେଉଁ ଫୁଲ ତୁମେ କେବେ ଦେଇ ନାହଁ
ସେ ଫୁଲ ତୁମଠୁ ନିଏ,
ଅତି ସରାଗରେ ଗଭାରେ ମୋହର
ଯତନରେ ଖୋସି ଦିଏ ।

ଯେଉଁଚିଠି ତୁମେ କେବେ ଲେଖି ନାହଁ
ସେ ଚିଠି ମୁଁ ପଢୁଥାଏ,
ଭାବରେ ବିଭୋର କେବେ ହେଉଥାଏ
କେବେ ଆନମନା ହୁଏ ।

ଯେଉଁସ୍ୱପନେ ତୁମେ କେବେ ଆସିନାହଁ
ରାତି ଶୋଇଗଲା ପରେ ,
ସେଇସ୍ୱପନେ ମୁହିଁ ନିତି ଭିଜୁଥାଇ
ସପନ ସାଗରତୀରେ ।

ଯେଉଁଶବ୍ଦ ତୁମେ କେବେ ଲେଖିନାହଁ
ମୋ ପାଇଁ ତୁମ କାବ୍ୟରେ ,
ସେଇଶବ୍ଦ ମୁହିଁ ବାଛି ପଢୁଥାଏ
ତୁମ ସୃଜନୀ ପୃଷ୍ଠାରେ ।

ଯେଉଁ ଜହ୍ନରାତି କେବେ କାଟିନାହଁ
ତୁମେ ମୋହରି ସାଥିରେ ,
ସେଇ ଜହ୍ନରାତି ବୁଣେ ନୀଳସ୍ମୃତି
ତା’ ଜୋଛନା ପରଶରେ ।

ଯେଉଁ ସକାଳରେ ଶୀତ କାକରରେ
ତୋଳିନ ମୋ ସାଥେ ଫୁଲ,
ସେଇ ସକାଳରେ ବାଟ ଚାଲୁଥାଏ
ତୁମସହ ହୋଇ ଗେଲ ।

ଯେଉଁ ନଦୀତୁଠେ ଭାବନାରେ ହଜେ
ଦିଶିଯାଏ ତୁମ ମୁହଁ,
ପାଣିରେ ମୁଁ ପଶେ ତୁମ ହସ ଛୁଟେ
ଲାଜେଇ ଯାଏ ମୋ ମୁହଁ ।

ଯେଉଁସଞ୍ଜେ ତୁମେ କେବେ ଖୋସିନାହଁ
ମୋ ଗଭାରେ ମଲ୍ଲୀମାଳ,
ସେଇସଞ୍ଜ କିନ୍ତୁ ଚୁପିଚୁପି କୁହେ
ତୁମ ଆସିବାର ବେଳ ।

ଯେଉଁ ରଙ୍ଗ ତୁମେ କେବେ ବୋଳିନାହଁ
ଫଗୁଣର ଫଗୁ ଦୋଳେ,
ସେଇ ରଙ୍ଗେ କିନ୍ତୁ ମୁଁ ଭିଜୁଥାଏ
ବସନ୍ତ ମଳୟ କାଳେ ।

ଯେଉଁ ସ୍ମୃତି କେବେ ହୋଇନି ତିଆରି
ତୁମକୁ ଓ ମତେ ନେଇ,
ସେଇ ସ୍ମୃତି କିନ୍ତୁ ନିତି ଝରୁଥାଇ
ଲେଖନୀକୁ ଛୁଇଁ ଯାଇ ।

ଯେଉଁ ଗୀତ ତୁମେ ମୋ ପାଇଁ ଗାଇନ
ସେ ଗୀତେ ମୁଁ ଝୁମୁଥାଏ,
ଶୂନ୍ୟତା ଭିତରେ ପୂର୍ଣ୍ଣତାଟେ ତୁମେ
ସେ ପୂର୍ଣ୍ଣତା ମତେ ଛୁଏଁ ।

ଏମିତି କାହିଁକି ନିତି ତୁମେ ଭେଟେ
ଭାବନାର ନଈକୂଳେ,
ବାଦୁଆ ଜହ୍ନଟି ଲୁଚି ଦେଖୁଥାଏ
ରହି ବଉଦର ତଳେ ।

ଏମିତି ଆସୁଥା ଫୁଲ ଫଗୁଣରେ
ମଳୟ ପରଶ ଦେଇ,
ମନ ଅରଣ୍ୟରେ ବସନ୍ତ ସାଜିଥା’
ବିଦଗ୍ଧ ଭାବଟେ ହୋଇ ।

## ମୁଁ ମୟତା

*ଅନସୂୟା ପଣ୍ଡା*



ସେଦିନ ସେ ଅବୁଝା
ବୟସର କଷୋଟିରେ
ମୁଁ ଅବୁଝା ତତ୍ତ୍ୱଟିଏ ଥିଲି
ମୁଁ କିଏ ?
ଝିଅ ,ଭଉଣୀ, ଆଭିଜାତ୍ୟ ,ଚଳଣି
ପରମ୍ପରା ନା ସଂସ୍କାର ସଂସ୍କୃତି
କିଛି ବୁଝୁ ନଥିଲି
ଖାଲି ଘାଣ୍ଟି ଚକଟି ହଉ ହଉ
ମୋ ଇଛା ମାନେ ଉଗୁରିଗଲେ
ମୁଁ ମୋ ପସନ୍ଦର ଚୋଲି ଘାଘେରା ପିନ୍ଧି
ନଥିଲି ।

ପୁଣି ଥରେ ସେଦିନର ପୁନରାବୃତ୍ତି
ହେଲା ସମୟର କଷୋଟିରେ
ମୁଁ ଅବୁଝା ଦସ୍ତାବିଜଟେ ଥିଲି
ମୁଁ କିଏ ବୋହୁ ସ୍ତ୍ରୀ ମାଆ ଦେଇପିଣ୍ଡି
ଚଉରା ଦୁହିତା
ନା ଉଦୁଉଦିଆ ଖରା ନା, ଶୀତ ରାତି
କି ମହମହ ବର୍ଷା ଭିଜା ମଗ୍ନମାଟି
ନିଜ ଭିତରେ ସମୀକ୍ଷା କରୁଥିଲି
କିଛି ସପକ୍ଷରେ, କିଛି ବିପକ୍ଷରେ ।

ପାଇଗଲା ପୁରା ରାତି ମୁଁ ମୋ ଭିତରୁ
ନିଜକୁ ହରେଇ
ସ୍ଥିତିଶୀଳ ସଂସାର ସାଗରରେ ମିଶିଗଲି
ପ୍ରଗଳଭା ନଇଟେ ହେଇ ବହିଗଲି
କେବେ ଶୁଖେ କେବେ ବଢେ
ପୁଣି କିନ୍ତୁ ଜୀବନ ବାଣ୍ଟି ଚାଲି ଥାଏ
ଦୁଇକୂଳର ମର୍ଯ୍ୟାଦାକୁ ବିନା ଲଙ୍ଘି
ଅଧା ଇଛା ରହିଯାଏ ନିଜ ଭିତରେ
କିନ୍ନରର ଇଛା ହେଇ ।

ବୁର୍ଲା, ସମ୍ବଲପୁର

ମୋ-୯୪୩୯୨୧୧୯୭୧

## ମଧୁଝରା

*ନିରଞ୍ଜନ ସାହୁ*



ବଉଳ ଫୁଲର ସୁବାସ ମହକେ
ଚଉଦିଗ ବାସ୍ନା ଭରା
କବିତା ଫୁଲର ମହକ ସେପରି
ହୋଇଥାଏ ମଧୁଝରା ।
କବିତା କୁସୁମ ଫୁଟିଥାଏ ପରା
କବି ମନ ଉପବନେ
ସୌନ୍ଦର୍ଯ୍ୟ ପଣରେ କିଏ ସରି ତାକୁ
ଜାଣନ୍ତି ରସିକ ଜନେ
କବିତା ସୁରଭି ଆଘ୍ରାଣେ ପାଠକେ
ହୋଇଥାନ୍ତି ଆତ୍ମହରା ।
କବିତାର ଉପବନ ଶୋଭାଶିରୀ
ବର୍ଣ୍ଣନା କେ ’ ସାମରଥା
କବିତା କାନନେ ପାଠକ ଭ୍ରମର
ଦେଖାଏ ତା ମହାନତା
କବିତା କୁସୁମ ହାର ଗୁନ୍ଥା ହେଲେ
ଆଖି ଝଲସାଏ ପରା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*

*ଢେଙ୍କାନାଳ - ୭୫୯୦୧୬*

*ମୋ :୯୯୩୮୭୪୧୫୮୩*

## ‘ମୁଁ ସମୟ...’

*ସଂଜୀବ କୁମାର ଦାଶ*



ମୁଁ ସମୟ !
ମୁଁ କାଳଚକ୍ର !
ଖଣ୍ଡ ଖଣ୍ଡ ପ୍ରବାହ ମାନ...
କେବେ ଉଡାଏ ଧରମର ଜୟଧ୍ୱଜା ,
କେବେ ନୈତିକତା ର ବିଲୟରେ
ନିନ୍ଦିତ,
ଏକତାର ଉଚ୍ଚ୍ୱସିତ ଝଲକ କାହିଁ,
ପୁଣି କାହିଁ ଦଙ୍ଗା ଫସାଦର ନିଷ୍ଠୁର
ପରିଣତି ....
ମୁଁ କ୍ଷଣ କ୍ଷଣର ପ୍ରୀତି,
ସାଥୀର ସ୍ମୃତି,
ମିଳନ ର ସଂତୃପ୍ତି , ଆଉ ବିଚ୍ଛେଦ ର
ମୁହୁର୍ମୁହୁ ଯନ୍ତ୍ରଣା...
ମୁଁ କର୍ମର ଉନ୍ମୁକ୍ତ ଇଲାକା,
ଅଣନିଃଶ୍ୱାସୀ ଜୀବନର ଯାବତୀୟ
ଝାମେଲା,
ରାମଙ୍କ ମର୍ଯ୍ୟାଦା , କୃଷ୍ଣ ଙ୍କ ଲୀଳା !!
ମୁଁ ସମୟ !
ମୁଁ ବଳବାନ !
ମୋ ତୁଳନାରେ କିଏ ବା ମହୀୟାନ ?
ମୁଁ ଅତୀତ – ସ୍ଥିର, କଠୋର,
ଇତିହାସର ଅନେକ ଗାଥା ଶିଳାଲେଖ,
ମୋ ଗର୍ଭରେ ଲୀନ....
ଅତୀତର ଶୈଳ ଶିଖରରେ ଠିଆ ଆଜିମୁଁ,
ବର୍ତ୍ତମାନ, ଚଳ ଚଞ୍ଚଳ, ଗତିସ୍ମାନ ....
ମୁଁ ଭବିଷ୍ୟତ – ଅଦୃଶ୍ୟ, ଆଗତ,
ବିଷମ, ନିର୍ମମ,
ଅବା
କୋମଳ ପୁଷ୍ପ ବଲ୍ଲରୀ ସଦୃଶ୍ୟ
ସୁନ୍ଦର, ସୁଖମୟ କ୍ଷଣ,
ନିରନ୍ତର ପ୍ରବାହ ମାନ....

ମୁଁ ସମୟ...
ଏଇ ଅତୀତ, ବର୍ତ୍ତମାନ, ଭବିଷ୍ୟତ ର
ଅବିରତ ଚକ୍ର !
ଘୁରୁଛି ଦ୍ରୁତ ବେଗରେ..
ନିତ୍ୟ, ପ୍ରତିକ୍ଷଣ, ପ୍ରତି ମୁହୂର୍ତ୍ତ....

*ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ*

*ଦେବଗଡ ମହାବିଦ୍ୟାଳୟ*

*ମୋ ୯୪୩୭୭୩୯୫୭୭*

## ‘ପ୍ରୀତିର ସୋପାନ’

*କୃଷ୍ଣା ମିଶ୍ର*



ଦେଖ !
ଜହ୍ନ ଲୁଚିଛି, ନୀଳ ଝରଣାରେ !
ହାତ ବଢେଇ, ପାଣିରୁ ଛାଣି ,
ଘେନି ଆସ ତୁମେ,
ନାଇବି ହାତରେ ଅବା କାନଗହଣା ରେ !

ବାଦଲକୁ ଦୂରେଇ ତୋଳିଆଣ କିଛି
ଚିକମିକ ତାରକା ,
ଗୁନ୍ଥି ଦିଅ ମୋ ପାଉଞ୍ଜିରେ,
ପିନ୍ଧିବି ଘୁଙ୍ଗୁର ଚପଳଛନ୍ଦାର...
ଅବା, ମୋତି କରି ଖଞ୍ଜି ଦିଅ,
ଝଲସି ଯାଉ ମୋ ଅଙ୍ଗୁରୀୟ ପଂକ୍ତି,
ତା କାନ୍ତିମୟ କ୍ଷରିତ ରଶ୍ମିରେ....

ଉପବନେ ପୁଷ୍ପ ବଲ୍ଲରୀ ଲହରି...
କଣ୍ଟା ବାରି, ଆଣି ଦିଅ ଗା ?ନାଲି
ଗୋଲାପ ସ୍ତବକ...
ଗୁନ୍ଥି ଦେବକି ଗଜରା
ରଜନୀଗନ୍ଧାର ?
ମୋ କୁନ୍ତଳକବରୀ ରେ ତୁମର
ପ୍ରତୀତି,
ମହକିବ ଚଉଦିଗ ସୁଗନ୍ଧ
ସମୀରେ..... !!

ଏମିତି ଖେଳୁ ଖେଳୁ ଦିନେ,
ଜହ୍ନ ଆଉ ତାରା ସହ,
ଫୁଲ ର ମହକ ସହ,
ତୁମେ ଆଉ ମୁଁ
ହଜିଯିବା,
ଅହେଜା ତୃପ୍ତିରେ...
ଦୁହେଁ ଦୁହିଁଙ୍କ ଭିତରେ,
ଏକାକାର ହୋଇ,
ଯେମିତି ନଦୀ ମିଶେ ସାଗରରେ....

*ଅଧ୍ୟାପିକା ଓ ପି ଜିନ୍ଦଲ ବିଦ୍ୟାଳୟ,*

*ରାୟଗଡ଼, ଛତିଶଗଡ*

*ମୋ-୯୩୦୧୦୧୨୩୩୩*

## ତୁମେ ...ପ୍ରୀତିର କବିତା

*ଡ଼ି ଶୁଭମ୍*



କ୍ଷଣଭଙ୍ଗୁର ଏ ସଂସାର ଭିତରେ
ତମେ ଏକା ପ୍ରେମର ସାହାରା
ତମ ପାଇଁ ପ୍ରେମ ଲାଗେ ଶାଶ୍ୱତ ଆଉ ମିଠା
ଯେଉଁଠୁ ଭାସିଆସେ ମା’ର
ପଣତକାନିର କଥା ।।
ତୁମେ .... କେବେ ପ୍ରୀତିର କବିତା
ତ କେବେ ପ୍ରଣୟର ସଙ୍ଗୀନ ପୃଷ୍ଠା
ପ୍ରେମ... ସେ ବୁଝେନା ଜାତି,ଧର୍ମ
ଆଉ ବର୍ଣ୍ଣର ସଂଜ୍ଞା
ସେ ବିଶ୍ୱାସ ଆଉ ବିନମ୍ରତାର ଚିହ୍ନ
ତା ପାଇଁ ସବୁଦିନ ଭାଲେଣ୍ଟାଇନର ଦିନ
ସେ ପ୍ରେମ.. ଶାଶ୍ୱତ ଓ ଅମ୍ଲାନ
ତୁମେ ମୋ ଜୀବନର ପ୍ରେମର ବାସ୍ନା
ତୁମ ପାଇଁ ଜୀବନେ ମୋ ନାହିଁ ଆଉ ତୃଷ୍ଣା ।
ତୁମେ ମୋ ପଥର ପଥିକ
ମୋ ସ୍ୱପ୍ନର ବଣିକ
ପ୍ରଶଂସାର ଏ ସମୁଦ୍ର ଭିତରେ
ତୁମେ ହିଁ ମୋ ମୋତି ଆଉ ମାଣିକ ।

ବାସୁଦେବପୁର

ଭଦ୍ରକ

## ଶୀତରାତି

*ଆଦ୍ୟାଶା ମହାପାତ୍ର*



ଶୀତ ପହରା ଦେଉଛି
ସହରର ଗଳି କନ୍ଦିରେ
ଶୁନଶାନ୍ ରାତିରେ,
ଫୁଙ୍ଗୁଳା ଦେହ କେତେ ଥରୁଛନ୍ତି
ଫୁଟପାଥରେ...
ନିଅଣ୍ଟିଆ, ଛିଣ୍ଡାଫଟା
କତରା ଭିତରେ ।

ନିଘୋଡ ନିଦରେ ଶୋଇଛି
ଅବଶିଷ୍ଟ ଦୁନିଆ
ରଙ୍ଗିନ୍ ସ୍ୱପ୍ନରେ,
ଉଷୁମ ଶେଯରେ
ସୁଖ ଛୁଉଁଛନ୍ତି ସେମାନେ
ନିବୁଜ କୋଠିରେ ।
ଏଇ ଶୀତ–
କାହିଁକିଯେ ସାଥେ ଆଣେ
ଏତେ ଲମ୍ବାରାତି... ?
କିଏ ସହେ ଦହଗଞ୍ଜ
କାହା ଦେହେ
ଭରୁଥାଏ ତାତି !!!

*ନୂଆପଡା, କଟକ*

## ଆବେଗର ଶୂନ୍ୟସ୍ଥାନ

*ରାହାସ କୁମାର ବେହେରା*



ଭାବିଥିଲି ଚଲା ବାଟ ଦେଖାଇବ
ହେବ ସାଥି ସହଚରୀ
ଅଧା ବାଟେ ଛାଡି ଗଲ ଯେ କୁଆଡେ
ପ୍ରତୀକ୍ଷାରେ ଯାଏ ମରି ।
କହିଥିଲ ସବୁ ସପନ ବାଣ୍ଟିବା
ରଖିବା ପଣତ ଭରି
ଶୂନ୍ୟ ହାତେ କିନ୍ତୁ ଅନାଇ ବସିଛି
ଠକିଦେଇ ଗଲ ଫେରି ।
ଭାବ ସମୁଦ୍ରରେ ଭସା ବାଦଲରୁ
ଝରି ଯାଉଥିଲା ବାରି
ଫାଜିଲ ପବନ ହୋଇ ପ୍ରୀତି ପ୍ରିୟା
ସବୁ ସୁଖ ଦେଲ ସାରି ।
ଏମିତି ଖେଳିଲ ଛଳନାର ଖେଳ
ସତ ଅଭିନୟ କରି
ଉଜୁଡି ଗଲା ମୋ ସଜଡା ସଂସାର
ହୃଦୟ ଯାଉଛି ଥରି ।
ଭାବନା ରାଇଜେ ଇନ୍ଦ୍ରଧନୁ ଆଙ୍କି
କଳା ରଙ୍ଗ ଦେଲ ମାରି
ସେଇ ରଙ୍ଗେ ମୁହଁ ଅଚିହ୍ନା ଅଜଣା
ନିଜକୁ ପାରୁନି ସ୍ମରି ।
ବାସ୍ତବତାରେ ଏ ବିଶ୍ୱାସୀ ମଣିଷ
ବଂଚୁଛି ପାଗଳ ପରି
ଆବେଗକୁ ଖାଲି ଘୋରି ସୋରି ହୋଇ
ପାରୁନି ଦୁଃଖରୁ ତରି ।

*ବାଲ୍ୟମ୍ବା,ଭାପୁର*

*ଢେଙ୍କାନାଳ : ୭୫୯୦୧୫*

*ମୋ : ୯୪୩୮୧୧୪୩୬୮*

## ଅଷ୍ଟମଗର୍ଭ

*ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ*



ଆଜି ରାତି ପାହିଯିବ କାଲି ପାଇଁ ରାତିଟିଏ ଲୋଡ଼ା...
ପଡ଼ିଲେବ ଏ ରାତିର ସ୍ୱପ୍ନ ସବୁ କାଲିକି ନଥିବେ,
ଯେଉଁ ସ୍ୱପ୍ନ ପ୍ରିୟଥିଲେ ଏକଦା ଓ ଏବେ ସେ ଅଲୋଡ଼ା
ଆଉ କ’ଣ ଡାକିଲେ ସେ ଆସିବେ ନା ମୋ କଥା ଶୁଣିବେ ॥

କେତେଥର ତୁମ ଅପେକ୍ଷାରେ କେତେ ରାତି ଅନିଦ୍ରାରେ
ମୁଁ ସ୍ୱପ୍ନରେ ମରିଗଲି ତୁମ ଦେହ ପ୍ରେମ ଟିକେ ପାଇଁ,
ଯେତେଥର ମୁଁ ପାଇଲି ଜୀବନ୍ୟାସ ଆଶ୍ଚର୍ଯ୍ୟ ଭାବରେ
ସେତେଥର ତୁମେ ମତେ ଡାକୁଥିଲ କିଛି ଦେବାପାଇଁ ॥

ଦେବାନେବା ସମ୍ଭବ ହେଲାନି ବୋଧହୁଏ ଆୟୁ ସରିଗଲା...
ମୋର ବା ବୟସର ଫୁର୍ତ୍ତିସବୁ ରହୁଥିଲେ ଅନ୍ୟମନସ୍କରେ,
ଚେଷ୍ଟା ସତ୍ତ୍ୱେ ତୁମକୁ ପାଇବା ଗୋଟେ ବ୍ୟର୍ଥତାହିଁ ଥିଲା
ତୁମେ ଥିଲ ମୋ ସ୍ୱପ୍ନଠାରୁ ଦୂରରେ ଓ କାହା ପ୍ରତୀକ୍ଷାରେ ॥

ସକାଳ ଦେହକୁ ଛୁଇଁ ମୁରୁକି ମୁରୁକି ହସି ରାତି ଫେରିପାରେ,
ମୁଁ କିନ୍ତୁ ଫେରୁଥିବି ତୁମଠାରୁ କେଉଁ ଗୋଟେ ଅନ୍ଧାର ଗଳିରେ ॥

*ସଦସ୍ୟ, କାର୍ଯ୍ୟକାରୀ ପରିଷଦ*

*ଓଡ଼ିଶା ସାହିତ୍ୟ ଏକାଡେମୀ*

*ମୋ – ୯୯୩୭୨୨୨୧୨୨*

---

# ମିଛ କହିବାର ମୁହୂର୍ତ୍ତ


ସୁଦର୍ଶନ ମହାପାତ୍ର

ଆମର କଥାବାର୍ତ୍ତା, ବ୍ୟଗ୍ରତା ଏବଂ ହସ୍ପିଟାଲ ଯିବା ଆସିବାକୁ ବୋଉ ସନ୍ଦେହ ଆଖିରେ ଦେଖୁଥିଲା ।–’ କ’ଣ ହୋଇଛି’ ବୋଲି ତା’ର ବିକଳ ସ୍ୱରକୁ ଉପେକ୍ଷା କରିବା ଏବଂ ଘଟଣାଟିକୁ ତା ପାଖରୁ ଲୁଚାଇ ରଖିବା ଆଉ ସମ୍ଭବ ହେଲା ନାହିଁ । ଅପରେଶନ ପରେ ଅପା ନିଶ୍ଚୟ ଭଲ ହୋଇଯିବ ବୋଲି ତାକୁ ଆଶ୍ୱାସନା ଦେଲୁ । ବୋଉ କିନ୍ତୁ ସେହି ମୁହୂର୍ତ୍ତରୁ ହିଁ କାନ୍ଦ ଆରମ୍ଭ କରି ଦେଇଥିଲା । ସବୁବେଳେ ବିକଳ ହୋଇ ଆମ ମୁହଁକୁ ଚାହୁଁଥିଲା , କିଛି ଭଲ କଥା ଶୁଣିବାକୁ ।ଧାର୍ଯ୍ୟ ଦିନରେ ଅପରେଶନ ସରିଲା । ବୋଉ ଛଟପଟ ହେଲା ତା’ ଆଦରର ଝିଅକୁ ଦେଖିବ ବୋଲି ।ଆଇ.ସି.ୟୁ ରେ ଅପାକୁ ଦୂରରୁ ଦେଖିଲା ବୋଉ ଏବଂ ଚେତାଶୂନ୍ୟ ହୋଇ ପଡ଼ିଲା ସେଇ ମୁହୂର୍ତ୍ତରେ । କିଛି ଘଣ୍ଟା ପରେ ବୋଉ ଅବଶ୍ୟ ପ୍ରକୃତିସ୍ଥ ହେଲା । ହେଲେ ତା’ର ଓଠ ଏବଂ ଡାହାଣ ହାତର ପାପୁଲି ଅଳ୍ପ ବଙ୍କା ଦେଖାଗଲା । ଆସ୍ତେ ଆସ୍ତେ ଠିକ୍ ହୋଇଯିବ ବୋଲି ଡାକ୍ତର ଭରସା ଦେଲେ । ସେଠାରେ ରହିବାର ନିୟମ ନାହିଁ ବୋଲି ବହୁ କଷ୍ଟରେ ବୁଝାଇଲୁ ତାକୁ । ସେ କାନ୍ଦି କାନ୍ଦି ଫେରିଲା ସେଠାରୁ । ପରଦିନ ଭୁବନେଶ୍ୱରରୁ ନେଇ ଗାଆଁରେ ଛାଡ଼ି ଆ ?ସିଲୁ ତା’ର କହିବା ଅନୁସାରେ । କାରଣ ବୋଉ ସେତେବେଳକୁ ଗାଆଁ ପାଖରେ ଥିବା ଠାକୁର ଠାକୁରାଣୀଙ୍କ ପାଖରେ ମାନସିକମାନ ଯାଚି ସାରିଥିଲା । ଅପାର ବ୍ରେନ୍ ଟ୍ୟୁମର କ୍ୟାନ୍ସରର ରୂପ ନେଇ ତୃତୀୟ ସୋପାନରେ ପହଞ୍ଚି ଯାଇଥିଲା ବୋଲି ବୋଉ ଛଡା ଆମେ ସମସ୍ତେ ଜାଣି ସାରିଥିଲୁ । ଗାଆଁରେ ପହଞ୍ଚି ବୋଉ ଆଉ ସ୍ୱାଭାବିକ ନଥିଲା । ଝିଅର ଶୀଘ୍ର ଆରୋଗ୍ୟ ଲାଭ କାମନା କରି ସେ ତା’ର ପ୍ରାର୍ଥନା, ଠାକୁର ପୂଜା, ବ୍ରତ, ଉପବାସରେ ନିଜକୁ ନିୟୋଜିତ କରି ରଖିଥିଲା । ବିନିମୟରେ ଠାକୁରଙ୍କ କରୁଣା ପାଇବାକୁ ବିକଳ ଏବଂ ବିବ୍ରତ ହୋଇ ଉଠୁଥିଲା । ଅବଶିଷ୍ଟ ଯେତେସବୁ ମାନସିକ ଯାଚି ସାରିଥିଲା ତା’ର ଆରାଧ୍ୟ ଦେବତାମାନଙ୍କୁ । ଆଜି ଆଖଣ୍ଡଳମଣି ମେଳା ତ କାଲି ଗ୍ରାମଦେବତୀ ମାର୍ଜନା... ! କେଉଁଦିନ ରୁଦ୍ରାଭିଷେକ ତ କେବେ ନାରାୟଣଙ୍କ ଉପରେ ଶହେ ଆଠ ତୁଳସୀ ଲାଗି... ! ଆମେ ସମସ୍ତେ ଜାଣିଥିଲୁ ଯେ ଅପା ର ଆୟୁଷ ଆଉ କିଛି ମାସ ମଧ୍ୟରେ ସୀମିତ । ତଥାପି ବୋଉର ମାନସିକ ସବୁ ପୂରଣ କରିବାକୁ ଆମେ ତତ୍ପର ଥିଲୁ । ଦିନେ ଗାଆଁରେ ଯାଇ ପହଞ୍ଚିବା ମାତ୍ରେ ବୋଉ କାକୁସ୍ଥ ହୋଇ ପଚାରିଲା–‘ ଅପା ଏବେ ଟିକିଏ ଭଲ ?’’ ବୋଉକୁ ଭରସା ଦେବାକୁ ଚେଷ୍ଟା କଲି କିଛି ମିଛ କଥା ର ସାହାରାରେ ।–‘ ହଁ, ଟିକିଏ ଭଲ । ଚାହୁଁଛି ଖାଲି । ହାତ ଗୋଡ ବି ହଲାଉଛି । ହେଲେ ଏଯାଏଁ କଥା କହି ପାରୁନି ।‘

–‘ ପୋଡା ଡାକ୍ତର କି ଅପରେଶନ କଲେ କେଜାଣି... ?‘ବୋଉ ନିଜସ୍ୱ ଢଙ୍ଗରେ ଗାଳି ଆରମ୍ଭ କରିଦେଲା, ଚିରାଚରିତ ଶବ୍ଦ ପ୍ରୟୋଗ ମାଧ୍ୟମରେ... ।

–‘ ମୁଣ୍ଡ ଅପରେଶନ ହୋଇଛି ତ ! ଟିକେ ସମୟ ଲାଗିବ । ମୁଁ ବୋଉକୁ ବୁଝାଇବାକୁ ଚେଷ୍ଟା କଲି । ମିଛ କହିଲେ ବି, ତା’ ଆଶାକୁ ଜାଗ୍ରତ କରାଇବାରେ ସଫଳ ହେଲି କୌଣସିମତେ । ଗାଆଁ ରେ ଆୟୋଜିତ ଭାଗବତ ପାଠ ସ୍ଥାନରେ, ସେଇ ରାତିରେ ବଡ଼ ପୋଡପିଠା ଟିଏ ଠାକୁରଙ୍କ ପାଖରେ ନୈବେଦ୍ୟ ବାଢିଲା ବୋଉ ଏବଂ ସବୁତକ ବାଣ୍ଟି ଦେଲା ଝିଅର ମଙ୍ଗଳ କାମନା କରି । ପରଦିନ ମୁଁ ଫେରିଲା ବେଳକୁ ତାରିଣୀଙ୍କ ଉଦ୍ଦେଶ୍ୟରେ ନଡ଼ିଆ ପଠାଇବାକୁ ବୋଉ ଭୁଲି ନଥିଲା । ବୋଉକୁ ସତକଥା କହିନାହିଁ ବୋଲି ଦୁଃଖ ବି ଲାଗୁଥିଲା । ମାତ୍ର ମିଛ କହି ଏ ପର୍ଯ୍ୟନ୍ତ ଝୁଣ୍ଟି ପଡ଼ିନାହିଁ ବୋଲି ଆଶ୍ୱସ୍ତ ଥିଲି । ପାଞ୍ଚ ଛଅ ମାସ କଟି ଯାଇଥିଲା ଏମିତି । ମୋ ବ୍ୟତୀତ ଆଉ କେହି ବୋଉ କୁ ସାମ୍ନା କରିବାକୁ ସାହସ ଜୁଟେଇ ପାରୁନଥିଲେ । ମୁଁ ଯଥା ସମ୍ଭବ ସାବଧାନ ହୋଇ ବୋଉ ସହିତ କଥା ହେଉଥିଲି । ତାକୁ ଭରସା ଦେଉଥିଲି ଏବଂ ମିଛକୁ ସତ ରୂପ ଦେଇ ବୁଝାଇବାକୁ ଚେଷ୍ଟା କରୁଥିଲି । ବୋଉ ଖାଲି ଶୁଣୁଥିଲା ।ତା’ ମନ କିନ୍ତୁ ବୁଝୁନଥିଲା ବୋଲି ଜାଣି ହେଉଥିଲା, ତା’ର ଅନ୍ୟମନସ୍କତାରୁ, ତା’ର ନୀରବତାରୁ..., ତା’ର ଲୁହ ଭିଜା ଆଖି ଦୁଇରୁ... !! ଅପାକୁ ଦେଖିବାକୁ ଯିବ ବୋଲି ବୋଉ କେତେଥର ଅନୁରୋଧ କରି ସାରିଥିଲା । ଯାହା ମୁଁ ଟାଳି ଚାଲିଥିଲି ମିଛ ଆଳ ଦେଖାଇ ।

ସତକଥା କହିବାକୁ ଡର ଲାଗୁଥିଲା ।ଅପା କିନ୍ତୁ ସେପର୍ଯ୍ୟନ୍ତ କୋମାରୁ ଉଠି ନଥିଲା । ତେଣୁ ତାକୁ କେମୋଥେରାପି ଦିଆ ଯାଇ ପାରିବ ନାହିଁ ବୋଲି ଡାକ୍ତର ମନାକଲେ । ଅସହ୍ୟ ଯନ୍ତ୍ରଣା ଭିତରେ ମୃତ୍ୟୁ ସହିତ ସଂଗ୍ରାମ ଜାରି ରଖିଥିଲା ଅପା । ବେଳେ ବେଳେ ଅପା ର କରୁଣ କାନ୍ଦରେ ଛାତି ଭିତରଟା ମନ୍ଥି ହୋଇଯାଏ । ଅପାକୁ ମୁକ୍ତି ଦେବାକୁ ମୁଁ ଠାକୁରଙ୍କ ପାଖରେ ପ୍ରାର୍ଥନା କରେ । ବୋଉକୁ ମଧ୍ୟ ଦିନକୁ ଦିନ ନିରାଶରେ ଛଟପଟ କରି ରଖିବାକୁ ଇଛା ନଥିଲା । ହେଲେ ଅପା ବିଷୟରେ ସତକଥା କହିବାକୁ ଡର ଲାଗୁଥିଲା । ନିଜ ଝିଅର ସରି ସରି ଆସୁଥିବା ଆୟୁଷକୁ ସେ ସହିପାରିବତ ! ବୋଉର ଯଦି କିଛି ହୋଇଯାଏ ?

ବୋଉ ଥିଲା ଆଇ.ସି.ୟୁ ରେ । ସେଇ ଆଶଙ୍କାରେ ତ ତାକୁ ଗାଆଁ ରୁ ନେଇ ଆସିଥିଲୁ ଭୁବନେଶ୍ୱରକୁ । ଆମେ ସମସ୍ତେ ବାହାରେ ଅପେକ୍ଷା କରିଥିଲୁ । ବୋଉ ନାଁ ଶୁଣି ଭାଇ ଭିତରକୁ ଗଲେ । ମୁଁ ଜଗନ୍ନାଥଙ୍କୁ ସ୍ମରଣ କରିବାରେ ଲାଗିଲି । ବୋଉକୁ ବଞ୍ଚ ?ଇ ରଖିବାକୁ ତା’ର ସବୁ ଆରାଧ୍ୟ ଦେବତାଙ୍କୁ ବିକଳ ହୋଇ ଡାକିଲି । କିଛି ସମୟ ପରେ ଭାଇ ଛଳଛଳ ଆଖିରେ ପଦାକୁ ଆସିଲେ । ମୁଁ ପ୍ରମାଦ ଗଣିଲି । ଛାତିରୁ ଯେମିତି କୋହ ଉଠୁଥିଲା ।–‘ ବୋଉ ଭଲ ଅଛି’ ବୋଲି ତାଙ୍କ ମୁହଁରୁ ଶୁଣିବା ମାତ୍ରେ ମୋ ଆଖିରୁ ଆପେ ଲୁହ ଦୁଇଟୋପା ଖସି ପଡିଲା । ମିଛ କହିଥିଲି ବୋଲି, ମନରେ ଥିବା କ୍ଷୋଭରୁ ମୁଁ ଧିରେ ଧିରେ ମୁକୁଳୁଥିଲି... !!

*କୁଞ୍ଜବିହାରୀ ଲେନ, କଟକ*




# ମହିଳାଙ୍କ ପ୍ରଜନନ କ୍ଷମତା ପ୍ରଭାବିତ ହେଉଛି

ଭୁବନେଶ୍ୱର (ପିଏନ୍): ସଂପ୍ରତି ବିଭିନ୍ନ ପାରିପାର୍ଶ୍ୱିକ, ସାମାଜିକ, ଚିକିତ୍ସାଗତ କାରଣ ପାଇଁ ମହିଳାଙ୍କ ପ୍ରଜନନ କ୍ଷମତା ଗୁରୁତର ଭାବରେ ପ୍ରଭାବିତ ହେଉଛି। ପ୍ରଥମ କଥା ହେଉଛି ଶରୀରର ଓଜନ ଆବଶ୍ୟକତାଠାରୁ କମ୍ ହୋଇଥିଲେ ଯାହାର ଅର୍ଥ ହେଉଛି ଅଧିକ ପତଳା ମହିଳାଙ୍କର ସନ୍ତାନ ଜନ୍ମ ବା ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍ ରହିଥାଏ। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହର୍ମୋନ୍ ଏହା ପାଇଁ ଦାୟୀ। ଏହି ହର୍ମୋନରୁ ବହୁ କମ୍ ମାତ୍ରା ଋତୁସ୍ରାବ ପାଇଁ କାର୍ଯ୍ୟ କରିଥାଏ। ଏହା ମଧ୍ୟ ପ୍ରଜନନ କ୍ଷମତା କମ୍ ହେବାର ମୁଖ୍ୟ କାରଣ। ଅତ୍ୟଧିକ ପତଳା ମହିଳାମାନେ ଗର୍ଭଧାରଣ କରିପାରନ୍ତି ନାହିଁ। ତେଣୁ ଏମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ବ୍ୟାୟାମ କରିବା ଦରକାର। ସେହିପରି ସାଧାରଣରେ ମହିଳାମାନେ ବ୍ୟବହାର କରୁଥିବା ଗର୍ଭନିରୋଧକ ଟୀକା ବି ଏ କ୍ଷେତ୍ରରେ ଗୁରୁତର ପ୍ରଭାବ ରଖିଥାଏ। ଯଦି ଗର୍ଭନିରୋଧକ ବଟିକା ଖାଉଥାନ୍ତି କିମ୍ବା ଗର୍ଭନିରୋଧକ ଇଞ୍ଜେକ୍ସନ ନେଉଥାନ୍ତି, ତାହେଲେ ଏହା ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ପ୍ରଣାଳୀକୁ ଯଦି ଲଗାତର କରୁଥାନ୍ତି, ତାହାହେଲେ ମା'ହେବାର ଦକ୍ଷତା ମହିଳାମାନେ ହରାଇ ବସିପାରନ୍ତି। ଆଉ ଗୋଟିଏ କାରଣ ହେଉଛି ମୋଟା ହେବା ବା ଶାରୀରିକ କ୍ଷେତ୍ରରେ ମେଦବହୁଳତା । କାରଣ ଆଜିକାଲି ଫାଷ୍ଟଫୁଡ୍, ପ୍ରଚୁର ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଓ କେତେକ କ୍ଷେତ୍ରରେ ଶାରୀରିକ କାରଣରୁ ମହିଳାମାନେ ମୋଟା ହୋଇଯାଉଛନ୍ତି। ଆଜିକାଲି ମହିଳାମାନେ ଅତ୍ୟଧିକ ମୋଟା ହୋଇଯାଉଛନ୍ତି। ମେଦ ବୃଦ୍ଧି ଯୋଗୁଁ ହର୍ମୋନ ନିର୍ଗତ ହେବାରେ ବାଧା ସୃଷ୍ଟି ହୁଏ। ବିଶେଷ କରି ଗର୍ଭଧାରଣରେ ଏହା ସମସ୍ୟା ସୃଷ୍ଟି କରେ। ଅଧିକ ମୋଟା ହୋଇଯାଉଥିବା ମହିଳାଙ୍କ ଗର୍ଭାଶୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏଥିପାଇଁ ମୋଟି ମହିଳାଙ୍କ ଠାରେ ମା' ନହେବାର ସମସ୍ୟା ଦେଖାଯାଏ। ସେହିପରି ବୟସ ମଧ୍ୟ ପ୍ରଜନନ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ ବିଶେଷକରି ବୟସ୍କ ମହିଳାମାନେ ଅର୍ଥାତ୍ ୩୫ବର୍ଷରୁ ଅଧିକ ବୟସର ମହିଳାମାନଙ୍କର ଶାରୀରିକ ଦୃଷ୍ଟିକୋଣରୁ ପ୍ରଜନନ କ୍ଷମତା କମି ଯାଇଥାଏ। ସାଧାରଣତଃ ବୟସ ଅଧିକ ହେଲେ ମହିଳାମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। କମ୍ ବୟସ ମହିଳାଙ୍କ ଋତୁସ୍ରାବରେ ଅନିୟମିତତା ଦେଖାଗଲେ ମଧ୍ୟ ସେମାନଙ୍କର ପ୍ରଜନନ କ୍ଷମତା ହ୍ରାସ ପାଏ। ସାଧାରଣତଃ ୩୫ ବର୍ଷ ବୟସରୁ ମା' ହେବାର ସମସ୍ୟା ଦେଖାଯାଏ। କାରଣ ଏଭଳି ସମସ୍ୟା ଦେଖାଦେଲେ ଡିମ୍ବାଣୁ ସଂଖ୍ୟା ହ୍ରାସ ପାଏ। ଏହାଦ୍ୱାରା ପ୍ରଜନନ କ୍ଷମତା କମିଯାଏ। ଅଧିକାଂଶ ମହିଳା ହୁଏତ ଜାଣିନଥାନ୍ତି ଯେ ସାଧାରଣରେ ମାମୁଲି ଲାଗୁଥିବା ଥାଇରଏଡ୍‌ର ପ୍ରଭାବରେ କେତେକ କ୍ଷେତ୍ରରେ ମହିଳାମାନେ ନିଜର ସନ୍ତାନ ଜନ୍ମ କରିବାର ବା ପ୍ରଜନନ କ୍ଷମତାରେ ସମସ୍ୟାକୁ ସାମ୍ନା କରିଥାନ୍ତି। ଥାଇରଏଡ୍ ହର୍ମୋନ୍‌ରେ ପରିବର୍ତ୍ତନ ଦେଖାଦେଲେ ଏହା ଗର୍ଭଧାରଣରେ ସମସ୍ୟା ସୃଷ୍ଟି କରେ। କେତେକ ମହିଳାଙ୍କ ଠାରେ ଦେଖାଯାଏ ଥାଇରଏଡ୍ ସମସ୍ୟା ଯୋଗୁଁ ସେମାନେ ଗର୍ଭ ଧାରଣ କରିପାରନ୍ତି ନାହିଁ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏହାକୁ ନିୟନ୍ତ୍ରଣରେ ରଖିବା ପରେ ଗର୍ଭ ଧାରଣ କରିଥାନ୍ତି। ସେହିପରି ଯୌନ ସମ୍ପର୍କ ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ଏକ ସ୍ୱାସ୍ଥ୍ୟଗତ କାରଣ ଭାବେ ଦେଖାଯାଇଥାଏ। ଯୌନ ସମ୍ପର୍କ ସମୟରେ ଯୌନାଙ୍ଗ ଯଦି ସଂକ୍ରମଣ ହୋଇ ଏଥିରେ ପ୍ରମେହ ରୋଗ ହୋଇଥିଲେ ପ୍ରଜନନ କ୍ଷମତା ହ୍ରାସ ପାଏ। ଫଳରେ ଦମ୍ପତି ସହଜରେ ପିତାମାତା ହୋଇପାରନ୍ତି ନାହିଁ। ଆଜିକାଲି ଫିଟ୍‌ଫାଟ୍ ରହିବା ସହ ସୁନ୍ଦର ଓ ସତେଜତା ପାଇଁ କେବଳ ମହିଳାମାନେ ନୁହେଁ ଯୁବତୀମାନେ ନାନା ପ୍ରକାର ଟିପ୍ସ ଗ୍ରହଣ କରିବା ସହ ନିଜେ ନିଜେ ଡାକ୍ତର ବନିଯାଇ ବିଭିନ୍ନ ପ୍ରକାର ବ୍ୟାୟାମ ଚାଲୁ ରଖନ୍ତି। ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ମତ ବା ପରାମର୍ଶ ନନେଇ ଟିଭି ଚ୍ୟାନେଲରେ ପ୍ରସାରିତ ବିଭିନ୍ନ ପ୍ରକାର ବ୍ୟାୟାମ ଦେଖି ନିଜେ ଫିଟ୍ ରହିବାକୁ ଚେଷ୍ଟା କରିଥାନ୍ତି। ତେବେ କଥା ହେଉଛି ସ୍ଲିମ୍ ଓ ଶକ୍ତିଶାଳୀ ହେବାରେ ବ୍ୟାୟାମ ସହାୟକ ହୁଏ। ହେଲେ ମହିଳାମାନେ ସ୍ଲିମ୍ ହେବା ଲକ୍ଷ୍ୟରେ ଆବଶ୍ୟକତା ଠାରୁ ଅଧିକ ବ୍ୟାୟାମ କରନ୍ତି। ଏହା ଗର୍ଭାଶୟ ଉପରେ ପ୍ରଭାବ ପକାଏ। ଫଳରେ ପ୍ରଜନନ କ୍ଷମତା ହ୍ରାସ ପାଏ। ଆଜିକାଲି ସ୍ତ୍ରୀ ଲୋକମାନେ ମୋଟା ହୋଇ ଯାଉଛନ୍ତି। ସ୍ଲିମ୍ ହେବା ପାଇଁ ଯେଉଁ ମହିଳାମାନେ ସପ୍ତାହକୁ ୫ ଘଣ୍ଟାରୁ ଅଧିକ ବ୍ୟାୟାମ କରନ୍ତି ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଏ। ସେମାନେ ମା' ହେବା ମଧ୍ୟ କଷ୍ଟସାଧ୍ୟ ହୋଇଥାଏ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବା ହାଇସୋସାଇଟିରେ ଷ୍ଟାଟସ୍ ଦେଖାଇବା ହେଉ ବା ନିଜର ଅଭ୍ୟାସ। କେତେକ ମହିଳାମାନେ ମଦ୍ୟପାନ ବା ପ୍ରଚୁର ଧୂମପାନ, କେହି କେହି ବିଭିନ୍ନ ପ୍ରକାର ନିଶା ସେବନରେ ଅଭ୍ୟସ୍ତ ହୋଇଯାଇଥାନ୍ତି। କେତେକ କ୍ଷେତ୍ରରେ ଦେଖାଯାଏ ମହିଳାମାନେ ନିୟମିତ ଭାବରେ ପ୍ରତିଦିନ ନିଶାସେବନ କରିଥାନ୍ତି କିନ୍ତୁ ଏହା ସେମାନଙ୍କ ପ୍ରଜନନ କ୍ଷମତା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ ଖୁବ୍ କମ୍ ଦିନରେ ସେମାନେ ପ୍ରଜନନ କ୍ଷମତା ହରାଇଥାନ୍ତି। ମଦ୍ୟପାନ ଯୋଗୁଁ ମଧ୍ୟ ମହିଳାଙ୍କ ପ୍ରଜନନ କ୍ଷମତା ହ୍ରାସ ହୋଇଥାଏ। ମଦ୍ୟପାନ କରୁଥିବା ମହିଳାଙ୍କ ହର୍ମୋନ୍‌ରେ ସନ୍ତୁଳନ ରହେନାହିଁ। ଏହା ପ୍ରଜନନ କ୍ଷମତା ଉପରେ ପ୍ରଭାବ ପକାଏ। ପ୍ରାୟ ୭ ହଜାର ମହିଳାଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ପରିମାଣରେ ମଦ୍ୟପାନ କରୁଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥିଲା। ଗର୍ଭଧାରଣ ପାଇଁ ଯୋଜନା କରୁଥିଲେ ମଦ୍ୟପାନ ଛାଡ଼ିଦିଅନ୍ତୁ। ମଦ୍ୟପାନ ଯୋଗୁଁ ମଧ୍ୟ ସମୟ ପୂର୍ବ ପ୍ରସବ ହୋଇଥାଏ। ଯାହାକି ମା' ଓ ଛୁଆଁ ପାଇଁ ବିପଦ। କଥାରେ ଅଛି ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି ତେବେ ମହିଳାଙ୍କ କ୍ଷେତ୍ରରେ ଚିନ୍ତା କେବଳ ଗଣ୍ଡିକୁ କ୍ଷତି ପହଞ୍ଚାଇ ନଥାଏ ବରଂ ଏହି ଚିନ୍ତା ସେମାନଙ୍କ ପ୍ରଜନନ କ୍ଷମତାକୁ ପ୍ରଭାବିତ କରିଥାଏ। ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ। ପ୍ରଜନନ କ୍ଷମତା ହ୍ରାସ କରିବାରେ ଚିନ୍ତା ଅନ୍ୟତମ ମୁଖ୍ୟ କାରଣ। ଯେଉଁ ମହିଳାମାନେ ସର୍ବଦା ଚିନ୍ତାଗ୍ରସ୍ତ ରହିଥାନ୍ତି, ସେମାନେ ଚାହିଁଲେ ବି ଗର୍ଭଧାରଣ କରିପାରନ୍ତି ନାହିଁ। କାରଣ ସେମାନଙ୍କର ପ୍ରଜନନ କ୍ଷମତା ବହୁତ କମକ୍। ଚିନ୍ତା ପ୍ରଜନନ ହର୍ମୋନର ସ୍ତରକୁ ବହୁତ କମେଇ ଦେଇଥାଏ। ତେଣୁ ଚିନ୍ତା ଦୂର କରିବା ପରେ ହିଁ ଜଣେ ମା' ହେବାର ଦକ୍ଷତା ଫେରି ପାଇଥାଏ। ସେହିପରି ଧୂମପାନ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ନିଭାଇଥାଏ। ଆମେରିକାର ଏକ ସର୍ଭେରୁ ଜଣାପଡ଼ିଛି ପ୍ରାୟ ୧୩ ପ୍ରତିଶତ ମହିଳାଙ୍କ ଧୂମପାନ ଯୋଗୁଁ ପ୍ରଜନନ କ୍ଷମତା ହ୍ରାସ ପାଇଛି। ଧୂମପାନ କରୁଥିବା ମହିଳାଙ୍କ ସନ୍ତାନର ମଧ୍ୟ ପ୍ରଜନନ କ୍ଷମତା ହ୍ରାସ ପାଏ। ସିଗାରେଟରେ ଥିବା କେମିକାଲ ହର୍ମୋନକୁ ଅସନ୍ତୁଳନ କରିବା ସହ ଡିଏନ୍‌ଏ ଉପରେ ପ୍ରଭାବ ପକାଏ। ଉଭୟ ମହିଳା ଓ ପୁରୁଷ ଏଥିରେ ପ୍ରଭାବିତ ହୋଇଥାନ୍ତି। ତେବେ ପ୍ରଜନନ କ୍ଷମତା ହ୍ରାସ ହେବା ପୂର୍ବରୁ ମହିଳାମାନେ ନିଶ୍ଚିତ ଭାବରେ ଏହାକୁ ଜାଣି ପାରିବେ। ଏ କ୍ଷେତ୍ରରେ ତୁରନ୍ତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିହାତି ଜରୁରୀ।

# ସରକାରୀ ଅଧିକାରୀଙ୍କ ସହ ସାଧାରଣ ଜନତାଙ୍କ ସିଧାସଳଖ ଆଲୋଚନା କାର୍ଯ୍ୟକ୍ରମ



କୋଣାର୍କ (ପିଏନ୍)-ଗତ ଗୁରୁବାର ଦିନ କୋଣାର୍କର ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ସରକାରୀ ଅଧିକାରୀଙ୍କ ସହ ସାଧାରଣ ଜନତାଙ୍କ ସିଧାସଳଖ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କାକଟପୁର ବି.ଡି.ଓ ଡଃ.ତୁଷାର ଜ୍ୟୋତିରଂଜନ, ଅସ୍ତରଙ୍ଗ ବି.ଡି.ଓ ଡଃ.ବେବିତା ମଞ୍ଜରୀ ନାୟକ,ପୁରୀ ଡି.ସି.ପି.ଓ ଶ୍ରୀଯୁକ୍ତ ମନୋଜ କୁମାର ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀଯୁକ୍ତ ପ୍ରକାଶଚନ୍ଦ୍ର ଖଟୋଇ, ଶିଶୁ ମଙ୍ଗଳ କମିଟୀ ସଦସ୍ୟ ଶ୍ରୀଯୁକ୍ତ ରମାଶଙ୍କର ପାତ୍ର ଏବଂ ଶକ୍ତିପଦ ମିଶ୍ର, କୋଣାର୍କ ଏନ୍.ଏ.ସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ରେଡିଓ ନମସ୍କାରର ଅଧକ୍ଷ ଏନ୍.ଏ.ଶାହଃ ଅନ୍‌ସାରୀ, ଗାନ୍ଧୀବାଦି ପ୍ରବକ୍ତା ଏସ୍.ଏ.ସଫିକ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋପ, କାକଟପୁର ଏବଂ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରୁ ୧୦୦ରୁ ଉର୍ଦ୍ଧ୍ୱ ମହିଳା, ଯୁବକ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗଦେବା ସହିତ ନିଜର ଅସୁବିଧା ସଂପର୍କରେ ସରକାରୀ ଅଧିକାରୀଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ କିଭଳି ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇପାରିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା। କରୋନା ମହାମାରୀ ସମୟରେ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ଶିକ୍ଷାଦାନ ବାଧାପ୍ରାପ୍ତ ନହେବା ନିମନ୍ତେ ସରକାରଙ୍କ ବିଭିନ୍ନ ଶିଶୁମଙ୍ଗଳକାରୀ ଯୋଜନା ସଂପର୍କରେ ମନୋଜ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ବସୁନ୍ଧରା ଯୋଜନାରେ ଭୂମିହୀନ ଲୋକ କିଭଳି ଜମି ପାଇପାରିବେ ସେ ସଂପର୍କରେ ଶ୍ରୀ ତୁଷାର ଜ୍ୟୋତିରଞ୍ଜନ ସୂଚନା ଦେଇଥିଲେ। ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀମାନେ ସଠିକ୍ ପ୍ରଣାଳୀରେ ଆବେଦନ କରିବା ସହିତ ଆବଶ୍ୟକ କାଗଜପତ୍ର ମଣ୍ଡଳ ଅଫିସରେ ଦାଖଲ କରିବା ପାଇଁ ଡଃ.ବେବିତା ମଞ୍ଜରୀ ନାୟକ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ ସଂଗଠନ ୟଙ୍ଗଇଣ୍ଡିଆ, ଆକ୍ସନ୍‌ଏଡ୍, ମୋଟୋରୋଲା ସଲ୍ୟୁସନ୍ସ ଫାଉଣ୍ଡେସନ ଓ ରେଡିଓ ନମସ୍କାରର ମିଳିତ ଭାବେ ଏ କାର୍ଯ୍ୟକୁ ଆୟୋଜନ କରିଥିଲେ । ରୋଜାଲିନ୍ ପ୍ରଧାନ, ଅନ୍ଦାଜ ଆରନ୍, ଟିକିନା ରାଉତ, ନଜମା ବେଗମ ଏବଂ ଏସ୍ କାଜଲ ଆଦି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବିଜେଡିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସମ୍ପାରୁ ପଞ୍ଚାୟତର ବହୁ ବିଜେପି କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ। ଧର୍ମଶାଳା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସଂପାଦକ ପ୍ରଣବ କୁମାର ବଳବନ୍ତରାୟ ନବାଗତ କର୍ମୀମାନଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ସମ୍ପାରୁ ପଞ୍ଚାୟତର ଗୋକୁଳ ସେନାପତି, କୈଳାସ ଚନ୍ଦ୍ର ଓଝା, ଗୋପାଳକୃଷ୍ଣ ଭାରତୀ, କେଶବ ଚନ୍ଦ୍ର ମହାରଣା, ଜଗବନ୍ଧୁ ଦାଶ, ଶ୍ରୀଧର ଓଝା, ଭିକାରୀ ଦାଶ, ରାଜେଶ ଭାରତୀ, ରିତ ଭାରତୀ, ପ୍ରକାଶ ଭାରତୀ, ନୃସିଂହ ଭାରତୀ, ଇଶ୍ୱର ସେନାପତି, ପ୍ରାଣକୃଷ୍ଣ ସେନାପତି, ଧରଣୀଧର ଭାରତୀ, ଧର୍ମେନ୍ଦ୍ର ମହାରଣା, ନିରନ ଭାରତୀ, ବିଶ୍ୱଜିତ୍ ସାହୁ, ପ୍ରକାଶ ଓଝା, ପ୍ରହ୍ଲାଦ ଓଝା, ରମେଶ ଓଝା, ସୁରେନ୍ଦ୍ର ଓଝା, ଦୀପକ ସାହୁ, ଆଲୋକ ସାହୁ, ପ୍ରତାପ ଭାରତୀ, ନିମାଇଁ ଚରଣ ଭାରତୀ, ଅନାମ ଚରଣ ଭାରତୀ, ରାମଚନ୍ଦ୍ର ଭାରତୀ, ନକୁଳ ଭାରତୀ, ଚନ୍ଦ୍ରମଣି ମଳିକ, ସଂୋଷ ମଳିକ, ସତ୍ୟଜିତ୍ ଭାରତୀ, ଚିନ୍ମୟ ଭାରତୀ, ବିଶ୍ୱଜିତ୍ ଭାରତୀ, ସିପୁ ଜେନା ଓ ମନୋଜ ମଳିକ ବିଜେଡିରେ ଯୋଗଦେବା ପରେ ଧର୍ମଶାଳା ବିଜେଡି ଅଧିକ ମଜବୁତ ହେଲା ବୋଲି ଦଳ ପକ୍ଷରୁ କୁହାଯାଇଛି । ବ୍ଲକ ବିଜେଡି ସଭାପତି ଜଳଧର ମହାଁ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ପଂଚାୟତ ସମିତି ଅଧକ୍ଷ ଦୁଃଶାସନ ସାହୁ, ଯୁବନେତା ପ୍ରତାପ କୁମାର ପ୍ରଧାନ ପ୍ରମୁଖ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ ।

# ଆବର୍ଜନାରୁ ସଂଗ୍ରହ କରୁଛନ୍ତି ଅମୂଲ୍ୟ ଜୀବନ



ଭୁବନେଶ୍ୱର (ପିଏନ୍): ପର୍ଯ୍ୟାବରଣକୁ ସୁସ୍ଥ, ସୁନ୍ଦର ଓ ସବୁଜିମା ରଖିବା ଲାଗି ରାଜଧାନୀ ଭୁବନେଶ୍ୱରର ରାସ୍ତାକଡ଼ରେ ଲାଗିଛି ଶହ ଶହ ପ୍ରଜାତିର ବୃକ୍ଷ। ପ୍ରତ୍ୟେହ ବୃକ୍ଷ ଗୁଡ଼ିକରୁ ଫୁଲ, ପତ୍ର, ବିହନ, ଝଡ଼ି ତଳେ ପଡ଼ିଥାଏ। ସକାଳ ପାହିଲେ ସଫେଇ କର୍ମଚାରୀ ଏହାକୁ ଓଳାଇ ଗଛ ମୂଳରେ ହେଉ ଅଥବା ରାସ୍ତା କଡ଼ରେ ଗଦାଇଥାନ୍ତି। ଆଉ କିଛି ରାସ୍ତା କଡ଼ରେ ବସି ଫଳ ବ୍ୟବସାୟ କରୁଥିବା ବ୍ୟବସାୟୀ ମଧ୍ୟ ନିଜର ପଚିସଢ଼ି ଯାଇଥିବା ଫଳଗୁଡ଼ିକୁ ରାସ୍ତା କଡ଼ରେ ମଧ୍ୟ ଗଦାଇ ଦେଇଥାନ୍ତି। ପରବର୍ତ୍ତୀ ସମୟରେ ଆବର୍ଜନା ବୁହା ଗାଡ଼ିରେ ଏଗୁଡ଼ିକୁ ଡ଼ମ୍ପିଂୟାର୍ଡ଼କୁ ସ୍ଥାନାନ୍ତରିତ କରାଯାଇଥାଏ। ଯାହା ଆମେ ନିତିଦିନ ଦେଖିବାକୁ ପାଇଥାଉ। ସତେଯେପରି ଆମକୁ ଲାଗିଥାଏ ଏଗୁଡ଼ିକ ଅଦରକାରୀ ଓ ମୂଲ୍ୟହୀନ। କିନ୍ତୁ ଏହି ଅଦରକାରୀ ମୂଲ୍ୟହୀନ ଜିନିଷ ଭିତରେ ଥାଏ ଅନେକ ଅମୂଲ୍ୟ ଜୀବନ। ଏହି ଅମୂଲ୍ୟ ଜୀବନ ଗୁଡ଼ିକୁ ଖୋଜି ସଂଗ୍ରହ କରିବାରେ ଲାଗିଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ଏ ସମ୍ପର୍କରେ ସୁଶାନ୍ତ କୁହନ୍ତି, ଏ ଅମୂଲ୍ୟ ଜୀବନ ଗୁଡ଼ିକ ହେଉଛି ବିଭିନ୍ନ ଗଛରୁ ପଡ଼ିଥିବା ନାନା କିସମର ବିହନ ଓ ପଚିସଢ଼ି ଯାଇଥିବା ବିଭିନ୍ନ ଫଳର ବିହନ। ଏହି ବିହନ ଗୁଡ଼ିକରେ ଥାଏ ଯଥେଷ୍ଟ ଶକ୍ତି ଓ ଜୀବନ। ଏଗୁଡ଼ିକୁ ଜୀବନ୍ୟାସ ଦେବା ପାଇଁ ମାଟି, ଜୈବିକସାର ଓ ବିହନ ମିଶାଇ ବିହନ ପେଣ୍ଡୁ ପ୍ରସ୍ତୁତ କରାଯାଇଥାଏ। ତା'ପରେ ଏଗୁଡ଼ିକ ଖରାରେ ଶୁଖାଯାଇଥାଏ। ଶୁଖିଗଲା ପରେ ଏହି ଅମୂଲ୍ୟ ଜୀବନଗୁଡ଼ିକୁ ବର୍ଷା ସମୟରେ ଖାଲି ସ୍ଥାନରେ ନିକ୍ଷପ କରାଯାଇଥାଏ। ପରବର୍ତ୍ତୀ ସମୟରେ ଏହା ଜୀବନରେ ରୂପାନ୍ତରିତ ହୋଇଥାଏ। ସଂଗୃହୀତ ବିହନଗୁଡ଼ିକୁ ବିହନ ପେଣ୍ଡୁ ପ୍ରସ୍ତୁତ କରାଯାଇ ପତିତ ଜମି ଓ ଜଙ୍ଗଲରେ ଥିବା ଖାଲି ସ୍ଥାନରେ ନିକ୍ଷେପ କରାଯିବ। ପରବର୍ତ୍ତୀ ସମୟରେ ଏହା ଏକ ସୁନ୍ଦର ସବୁଜିମା ସୃଷ୍ଟିରେ ବେଶ୍ ସହାୟକ ହୋଇପାରିଥାଏ ବୋଲି ସୁଶାନ୍ତ କହିଛନ୍ତି। ସଂଗୃହୀତ ବିହନ ଭିତରେ ରହିଛି ପେସ୍ତା, ପଣସ, ଚମ୍ପା, ବେଲ ଇତ୍ୟାଦି। ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ବିହନ ଏଯାବତ୍ ସଂଗ୍ରହ କରିସାରିଲେଣି ସେ। ପ୍ରତ୍ୟହ ଘରୁ ବାହାରୁଥିବା ବିଭିନ୍ନ ପନିପରିବା ହେଉ କି ଫଳ ହେଉ, ସେଥିରୁ ବାହାରୁଥିବା ବିହନଗୁଡ଼ିକୁ ଅଳିଆ ଡ଼ବାରେ ନ ପକାଇ ବିହନ ପେଣ୍ଡୁ ଜରିଆରେ ପତିତ ଜମିରେ ନିକ୍ଷେପ କରି ପରିବେଶ ସୁରକ୍ଷା ଦିଗରେ ସାମିଲ ହେବା ପାଇଁ ଶ୍ରୀ ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପରିବେଶ ପାଇଁ ଏହା ବହୁ ମୂଲ୍ୟବାନ। ଯାହା ତୁଳନା କରାଯାଇପାରିବ ନାହିଁ। ସୁଶାନ୍ତଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ବେଶ୍ ପ୍ରଶଂସା କରାଯାଇଛି।

# ଶ୍ରମିକଙ୍କ ଘରୁ ସୁନା ଅଳଙ୍କାର ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅଂର୍ଗତ ଚୋରମୁହାଁ ପଂଚାୟତ ନାଉପାଳ ଗ୍ରାମର ଶ୍ରମିକ ଅଧିର ବାରିକଙ୍କ ଘରୁ ଦିନ ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଯାଇଛି । ଏ ସଂପର୍କରେ ଅଧିରଙ୍କ ପତ୍ନୀ ଉର୍ବଶୀ ବାରିକ ଥାନାରେ ଲିଖିତ ଅଭିଯୋଗ କରିଛର୍ି । ଅଭିଯୋଗ ପାଇ ପୁଲିସ୍ ଅଧିରଙ୍କ ଘରେ ପହଁଚି ତଦଂ ଆରମ୍ଭ କରିଥିଲେ ହେଁ, ଚୋରି ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ପ୍ରକାଶ ଯେ, ଅପରାହ୍ଣ ପ୍ରାୟ ୪ଟା ସମୟରେ ଅଧିରଙ୍କ ଘରେ କେହି ନଥିଲେ । ଏହି ସମୟରେ ଘରେ କେହି ପଶି ବିଦ୍ୟୁତ୍ ଲାଇନ୍ କାଟି ଦେଇଛି । ପରେ ତାଙ୍କ ଷ୍ଟିଲ୍ ଆଲମିରା ଚାବି ଖୋଲି ଏଥିରେ ଥିବା ୨ଟି ସୁନା ଚେନ୍, ଗୋଟିଏ ମଙ୍ଗଳସୂତ୍ର ଓ ୪ଟି ଲକେଟ୍ ଲୁଟି ନେଇଛି । ଅଧିରଙ୍କ ଘରେ କେହି ନଥିବାର ସୁଯୋଗ ନେଇ କେହି ଠାଉରିଆ ଚୋର କଳାକନା ବୁଲେଇ ଦେଇଥିବା ସନ୍ଦେହ କରାଯାଉଛି । ଅଧିର ଜଣେ ଗରିବ ଶ୍ରେଣୀୟ ଦିନ ମଜୁରିଆ ହୋଇଥିବାରୁ ଚୋରି ଘଟଣା ପରେ ସେ ଭାଙ୍ଗି ପଡିଛର୍ି । ତୁରଂ ଚୋରକୁ ଗିରଫ କରିବା ସହିତ ଚୋରି ସୁନା ଅଳଙ୍କାର ଜବତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ବନଜ୍ୟୋତି ସାହିତ୍ୟ ପତ୍ରିକା ଉନ୍ମୋଚନ

ଚଣ୍ଡିଖୋଲ (ପିଏନ): ବନଜ୍ୟୋତି ସାହିତ୍ୟ ପତ୍ରିକା ସାରଦୀୟ ବିଶେଷାଙ୍କକୁ ଚଣ୍ଡିଖୋଲ ପ୍ରେସ୍‌କ୍ଲବ କାର୍ଯ୍ୟାଳୟରେ ଉନ୍ମୋଚନ କରାଯାଇଛି। ଚଣ୍ଡିଖୋଲ ପ୍ରେସ କ୍ଲବର ସଭାପତି ତଥା କଳିଙ୍ଗପ୍ରଭା ସମ୍ପାଦକ ପବିତ୍ର କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ବନଜ୍ୟୋତି ସାହିତ୍ୟ ପତ୍ରିକାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଉନ୍ମୋଚିତ କାର୍ଯ୍ୟକ୍ରମରେ ବନଜ୍ୟୋତିର ସମ୍ପାଦକ ଆଇନଜୀବୀ ବୃନ୍ଦାବନ କର, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍‌ର ସଭାପତି ଆଇନଜୀବୀ ଦେବରାଜ ବେହେରା, ପ୍ରେସକ୍ଲବର ସମ୍ପାଦକ ଦୀଲ୍ଲିପ କୁମାର ମହାନ୍ତି, ସାମ୍ବାଦିକ ଶିବରାମ ସାହୁ, ମୋହନ ଖିଲାର, ପ୍ରତାପ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ବନଜ୍ୟୋତି ସାହିତ୍ୟ ପତ୍ରିକା ଦୀର୍ଘ ୪୧ ବର୍ଷ ଧରି ପ୍ରକାଶିତ ହେଉଅଛି। ସମାଜରେ ସାହିତ୍ୟର ପ୍ରତିଭାକୁ ପ୍ରସାର କରିବା ପାଇଁ ଓ ଓଡ଼ିଶା ଭାଷା ସାହିତ୍ୟକୁ ପ୍ରସାରିତ କରିବା ପାଇଁ ବୃନ୍ଦାବନ କର ନିରବଚ୍ଛିନ୍ନ ଭାବେ ଏହି ବନଜ୍ୟୋତି ପତ୍ରିକାକୁ ପ୍ରକାଶିତ କରିଥିବାରୁ ମୁଖ୍ୟଅତିଥି ଶ୍ରୀ ପରିଡ଼ା ତାଙ୍କୁ ପ୍ରଶଂସା କରିଥିଲେ।

# ମମିତା ହତ୍ୟା ଘଟଣାରେ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଯାଜପୁର (ପିଏନ୍): ବହୁଚର୍ଚ୍ଚିତ ମମିତା ମେହେରଙ୍କ ହତ୍ୟା ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସିଧାସଳଖ ସମ୍ପୃକ୍ତିକୁ ନେଇ ଯାଜପୁର ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋବ ପ୍ରଦର୍ଶନ କରାଯାଇଛି। ଏହି ଘଟଣାରେ ସିବିଆଇ ତଦନ୍ତ ଦାବି କରିବା ସହିତ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବା ସହିତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରି ଗିରଫ୍ କରିବା ଦାବିରେ ଯାଜପୁର ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଅନନ୍ତ ଦାସଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ଛାତ୍ରକଂଗ୍ରେସ କର୍ମୀମାନେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ୍‌ଜୁଟ୍ ହୋଇ ଏକ ରାଲିଯୋଗେ ସହର ପରିକ୍ରମା କରିବା ପରେ ଗାନ୍ଧୀଛକ ଠାରେ ଥିବା ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଓ ପରେ ପରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ତୁରନ୍ତ ବହିଷ୍କାର କରି ମୃତ ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଯାଜପୁର ବିଧାନସଭାର ନେତା ସନ୍ତୋଷ ନନ୍ଦ, ଛାତ୍ର କଂଗ୍ରେସର ଜିଲ୍ଲା ପ୍ରଭାରି ବିପ୍ଲବ ପରିଡ଼ା, କୋରେଇ ଯୁବ କଂଗ୍ରେସର ପ୍ରୀୟବ୍ରତ ସାହୁ, ଉପସଭାପତି କଳିଙ୍ଗ ସିଂହ, କୋରେଇ ସାଧାରଣ ସମ୍ପାଦକ ଅଭିନାଶ ନାୟକ, ଯାଜପୁର ଛାତ୍ର କଂଗ୍ରେସର ଉପ-ସଭାପତି ସତ୍ୟବ୍ରତ ଗୁରୁ, ଯଜାତିକେଶରୀ ନାୟକ, ସୌମ୍ୟରଞ୍ଜନ ବଳ, ରାକେଶ ନଟିଆ, ସାଧାରଣ ସମ୍ପାଦକ ଉତ୍କଳ କେଶରୀ ପାଣିଗ୍ରାହୀ, ବିକାଶ ବେହୁରିଆ, ସୁନିଲ୍ ସାମଲ, ସଦାଶିବ ତ୍ରିପାଠୀ, ଯାଜପୁର ବିଧାସଭା ମଣ୍ଡଳୀର ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ନାୟକ, ଶତିସ୍ ଶିବସୁନ୍ଦର ମଲ୍ଲିକ, ସୌମ୍ୟରଞ୍ଜନ ମିଶ୍ର ଓ ଛାତ୍ର ସମ୍ପାଦକ ଆଶୁତୋଷ ପୃଷ୍ଟି, ସଂଜିବ କୁମାର ଦାସ, ପ୍ରକାଶ ନାୟକ, ଅଭିରାମ ଜେନା, ତ୍ରିଲୋଚନ ମହନ୍ତ, ବାବୁ ସ୍ୱାଧିନ ପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭରେ ସାମିଲ ହୋଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ପୌର ନିର୍ବାଚନ ପାଇଁ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, (ପି.ଏନ): ଆସନ୍ତା ପୌରସଂସ୍ଥା ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ତରଫରୁ ଦୁଇ ଦିନିଆ ଇଭିଏମ୍ ତାଲିମ କାର୍ଯ୍ୟକ୍ରମ କମିଶନଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲା: ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡିରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମକୁ ନିର୍ବାଚନ ଆୟୋଗଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଶୁଭାରମ୍ଭ କରିଥିବାବେଳେ ଆୟୋଗର ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟର, ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ଓ ସେକ୍ସନ୍ ଅଧିକାରୀ ଉତମ କୁମାର ପରିଡ଼ା ଉପସ୍ଥିତ ରହି ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ମାଧ୍ୟମରେ ଭୋଟଗ୍ରହଣ ସଂପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ ଇଭିଏମ୍ ତାଲିମ ନେଇ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ଆସନ୍ତାକାଲି ଅବଶିଷ୍ଟ ୧୫ଟି ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କୁ ଇଭିଏମ୍ ? ମାଧ୍ୟମରେ ଭୋଟଗ୍ରହଣ କରାଯିବା ସଂପର୍କରେ ତାଲିମ ପ୍ରଦାନ କରାଯିବ । ରାଜ୍ୟର ସମୁଦାୟ ୧୦୭ଟି ପୌରସଂସ୍ଥା ଓ ୩ଟି ମହାନଗର ନିଗମର ୧୯୩୧ଟି ୱାର୍ଡର ୪୫୮୪ଟି ବୁଥ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ । ପ୍ରତ୍ୟେକ ବୁଥ୍ ରେ ୨ଟି ଲେଖାଏଁ ଇଭିଏମ୍ ରହିବ । ଗୋଟିଏ କାଉନ୍‌ସିଲର/କର୍ପୋରେଟର ଓ ଅନ୍ୟଟି ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ବ୍ୟବହୃତ ହେବ । ପ୍ରାୟ ୧୧ ହଜାରରୁ ଅଧିକ ସଂଖ୍ୟକ ଇଭିଏମ୍ ପୌରସଂସ୍ଥା ନିର୍ବାଚନରେ ବ୍ୟବହାର କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ସରପଞ୍ଚ ପ୍ରାର୍ଥୀ ପ୍ରସନ୍ନଙ୍କ ଘର ଘର ବୁଲି ନିର୍ବାଚନ ପ୍ରଚାର



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ପ୍ରସନ୍ନ କୁମାର ମଳିକ ସେହି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଘରକୁ ଘର ବୁଲି ତାଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି । ଯୁବନେତା ଶ୍ରୀ ମଳିକ ଗତ ୨୦୦୮ ମସିହାରେ ଅନୁଷ୍ଠିତ ପଞ୍ଚାୟତ ଉପନିର୍ବାଚନରେ ଜିତି ୨୦୧୨ ମସିହା ପର୍ଯ୍ୟନ୍ତ ଭରତପୁର ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ । କାରଣ ଗତ ୨୦୦୭ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅବସରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ଯଶୋବନ୍ତ ମଳିକ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । କିନ୍ତୁ ୨୦୦୭ ମସିହା ନଭେମ୍ବର ମାସରେ ତାଙ୍କର ବିୟୋଗ ହୋଇଯିବାରୁ ୨୦୦୮ ମସିହାରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ଉପନିର୍ବାଚନରେ ସରପଞ୍ଚ ଭାବେ ପ୍ରସନ୍ନ ବିଜୟୀ ହୋଇ ଜନସାଧାରଣଙ୍କ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ତାଙ୍କର ଅମାୟିକ ବ୍ୟବହାର ଓ ସାଧାରଣ ଲୋକଙ୍କୁ ଭଲପାଇବା ଯୋଗୁଁ ସେ ବହୁତ ଶୀଘ୍ର ଲୋକମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ତାଙ୍କର ସେହି ବିକାଶ ମୂଳକ କାର୍ଯ୍ୟ ଓ ଲୋକମାନଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନକୁ ପାଥେୟ କରି ପ୍ରସନ୍ନ ଘରକୁ ଘର ବୁଲି ଭୋଟରଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି ।

## ଆସନ୍ତା ୨୩ ତାରିଖରେ ଧର୍ମଶାଳା ବ୍ଲକର ୩ ଗୋଟି ବୁଥରେ ପୁନଃ ମତଦାନ

ଧର୍ମଶାଳା,(ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକରେ ପ୍ରଥମ ପାର୍ଯ୍ୟାୟ ୧୬ ତାରିଖରେ ୪୫ ଗୋଟି ପଂଚାୟତର ୬୩୭ ଗୋଟି ବୁଥରେ ମତଦାନ ହୋଇଥିଲା । ବୁଥ ଜବର ଦଖଲ ଯୋଗୁଁ ୩ ଗୋଟି ବୁଥରେ ମତଦାନ ବନ୍ଦ କରାଯାଇଥିଲା । ବନ୍ଦ ହୋଇଥିବା ବୁଥ ଗୁଡିକରେ ଆସନ୍ତା ୨୩ ତାରିଖରେ ପୁନଶ୍ଚ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଧର୍ମଶାଳା ବ୍ଲକ ଦେଓଦା ପଂଚାୟତର ୬ ଓ ୭ ନମ୍ବର ଏବଂ ଅରାବଳ ପଂଚାୟତର ୮ ନମ୍ବର ବୁଥରେ ଜବର ଦଖଲ ଯୋଗୁଁ ମତଦାନ ବନ୍ଦ ରହିଥିଲା । ଦେଓଦା ପଂଚାୟତର ୬ ନମ୍ବର ବୁଥରେ ୨୦୬ଜଣ ଓ ୭ ନମ୍ବର ବୁଥରେ ୧୯୮ଜଣ ଓ ଅରାବଳ ପଂଚାୟତ ୮ ନମ୍ବର ବୁଥରେ ୪୪୩ଜଣ ମତଦାତା ଆସନ୍ତା ୨୩ ତାରିଖରେ ପୁନଶ୍ଚ ମତଦାନ କରିବେ । ସକାଳ ୯ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହେବ । ଏହି ବୁଥ ଗୁଡିକରେ ଶାନ୍ତି ଶୃଙ୍ଖଳାରେ ମତଦାନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

## ଅରାବଳ ବୁଥ ଜବରଦଖଲ ଘଟଣାରେ ୩ ଗିରଫ



ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ୍ ଅରାବଳ ପଂଚାୟତର ୮ ନମ୍ବର ବୁଥ ଜବର ଦଖଲ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ୧୬ ତାରିଖରେ ଧର୍ମଶାଳା ବ୍ଲକ ଅନୁଷ୍ଠିତ ହୋଇଥିଲା । ଏହି ବ୍ଲକର ଅରାବଳ ପଂଚାୟତର ୮ ନମ୍ବର ବୁଥକୁ କିଛି ଦୁର୍ବୃତ ଜବରଦଖଲ କରିବା ଫଳରେ ସେଠାରେ ଭୋଟ ବନ୍ଦ କରାଯାଇଥିଲା । ଏହି ଘଟଣାରେ ପୋଲିସ ଗତକାଲି ରାତିରେ ୩ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଅରାବଳ ପଂଚାୟତର ନାଳକୁଳ ବିଦ୍ୟାଳୟରେ ହୋଇଥିବା ୮ ନମ୍ବର ବୁଥରେ ୪୪୩ଜଣ ଭୋଟର ମତଦାନ କରିଥାନ୍ତେ । ଭୋଟ ଗ୍ରହଣର କିଛି ସମୟ ପରେ କିଛି ଦୃର୍ବୃତ ଭୋଟ କେନ୍ଦ୍ରରେ ପହଁଚି ବୁଥ ଜବରଦଖଲ କରିଥିଲେ । ତେବେ ପ୍ରିଜାଇଡିଂ ଅଫିସର ଏହାକୁ ବିରୋଧ କରିବା ସହିତ ପ୍ରଶାସନକୁ ଜଣାଇଥିଲେ । ପ୍ରଶାସନ ସେଠାରେ ପହଁଚି ମତଦାନ ବନ୍ଦ କରିଥିଲା । ଏହି ଘଟଣାରେ ପୋଲିସ ୯୨/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇଥିଲା । ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ନେତୃତ୍ୱରେ ଗତକାଲି ରାତିରେ ଚଢାଉ କରି ଅଭିଯୁକ୍ତ ଯୁଗଳ ମଳିକ (୪୮), ଚିନ୍ମୟ ମଳିକ (୨୧), ରମେଶ ମଳିକ(୫୧) କୁ ଗିରଫ କରିଥିଲେ । ପୁର୍ବରୁ ଏହି ବ୍ଲକ ଦେଓଦା ପଂଚାୟତର ୬ ଓ ୭ ନମ୍ବର ବୁଥ ଜବର ଦଖଲ ଘଟଣାରେ ପୋଲିସ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବୁଥ ଜବର ଦଖଲ ଘଟଣାରେ ପୋଲିସ ଅଦ୍ୟାବଧି ୧୫ଜଣଙ୍କୁ ଗିରଫ କରିଥିଲା ବେଳେ ଅନ୍ୟଅଭିଯୁକ୍ତମାନଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ଗତକାଲି ଗିରଫ ଅଭିଯୁକ୍ତମାନଙ୍କୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ।

## ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ୟ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

## ପୁଲିସ୍ ଗାଡ଼ି ଧକ୍କାରେ ୩ବାଇକ୍ ଆରୋହୀ ଆହତ

ଧର୍ମଶାଳା,(ପିଏନ୍): ଧର୍ମଶାଳା ଉ.ପ୍ରା ବିଦ୍ୟାଳୟ ନିକଟରେ ଆଜି ସକାଳ ୮ଟାରେ ଏକ ପୁଲିସ୍ ଗାଡ଼ି ଧକ୍କାରେ ୩ଜଣ ବାଇକ୍ ଆରୋହୀ ଆହତ ହୋଇଛନ୍ତି । ଆହତମାନେ ହେଲେ ଅଭୟପୁର ପଞ୍ଚାୟତ ନୀଳାଦେଇପୁର ଗ୍ରାମର ଯଦୁନାଥ ରାଉତ(୪୯), ବାବନ ଚରଣ ରାଉତ(୫୦) ଓ ବିଭୁପ୍ରକାଶ ରାଉତ(୫୦) । ଧର୍ମଶାଳା ବଜାରରୁ ଏହି ବ୍ୟକ୍ତିମାନେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ପଞ୍ଚାୟତ ନିର୍ବାଚନ ପାଇଁ ଧର୍ମଶାଳା ଥାନାରେ ଲାଗିଥିବା ଏକ ବୋଲେରୋ ଗାଡ଼ି ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା । ପୁଲିସ୍ ଗାଡ଼ି ଧକ୍କାରେ ବାଇକ୍‌ଟି କିଛି ଦୂରରେ ଛିଟିକି ପଡ଼ିଥିଲା । ଫଳରେ ସମସ୍ତ ବାଇକ୍ ଚାଳକ ଆହତ ହୋଇଥିଲେ । ଏହି ସମୟରେ ଉକ୍ତ ବୋଲେରୋରେ ଥିବା ଜଣେ ମହିଳା ପୁଲିସ୍ ଏସ୍‌ଆଇ ଆହତମାନଙ୍କୁ ଡ଼ାକ୍ତରଖାନା ନେବା ବଦଳରେ ସେମାନଙ୍କୁ ହଜାରେ ଟଙ୍କା ଯାଚିଥିଲେ । ଆହତମାନେ ଟଙ୍କା ନନେବାରୁ ଉକ୍ତ ମହିଳା ଏସ୍‌ଆଇ ତରବରିଆଭାବେ ଘଟଣାସ୍ଥଳରୁ ଚାଲି ଯାଇଥିବା ଆହତମାନେ ସୂଚନା ଦେଇଛନ୍ତି । ପରେ ନିକଟରେ ଥିବା ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଯଦୁନାଥ ଓ ବାବନଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏହି ଖବର ଜଣାପଡ଼ିବା ପରେ ଡାକ୍ତରଖାନା ଲୋକାରଣ୍ୟ ହୋଇଯାଇଥିଲା । ଦୁର୍ଘଟଣା ଘଟାଇ ପୁଲିସ୍ ଆହତମାନଙ୍କୁ ସହାୟତା କରିବା ବଦଳରେ ଛାଡ଼ି ପଳାଇବା ଘଟଣାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା।

## ତରାବୋଇ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀନୀ ସାକିରା ଅବରାରଙ୍କ ପ୍ରତି ବଢୁଛି ଜନ ସମର୍ଥନ



ଖୋର୍ଦ୍ଧା,(ପି.ଏନ): ଜଟଣୀ ପଚାଂୟତ ସମିତି ଅଧିନସ୍ଥ ତରବୋଇ ଗ୍ରାମପଚାଂୟତର କଂଗ୍ରେସ ଦଳ ସମର୍ଥିତ ସରପଂଚ ପ୍ରାର୍ଥୀନୀ ଭାବରେ ସାକିରା ଅବରାର ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ୨୦୧୭ ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ସାକିରା ଅବରାର ବିପୁଳ ଭୋଟରେ ସରପଂଚ ଭାବରେ ନିର୍ବାଚିତ ହୋଇ ତରାବୋଇ ଗ୍ରାମପଂଚାୟତର ବହୁ ଉନ୍ନୟନ ମୂଳକ କାର୍ଯ୍ୟକରି ବେସ ସୁନାମ ଅର୍ଜନ କରିଛନ୍ତି । ବାକି ରହି ଯାଇଥିବା ତାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ସେ ପୁନର୍ବାର ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି । ତରାବୋଇ ଗ୍ରାମପଂଚାୟତରେ ତାଙ୍କର ବିପୁଳ ଜନ ସମର୍ଥନ ରହିଥିବା ଦେଖିବାକୁ ମିଳିଛି । ଠିକ୍ ସେହିପରି ଭାବପରେ କଂଗ୍ରେସ ଦଳ ସମର୍ଥିତ ତରାବୋଇ ଗ୍ରାମପଂଚାୟତର ସମିତି ସଭ୍ୟ ପ୍ରାର୍ଥୀ ମୀନକେତନ ଚମ୍ପତି, ଜଟଣୀ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲ୍ଲାପରିଷଦ ଜୋନ ନଂ.୭ର କଂଗ୍ରେସ ଦଳ ପ୍ରାଥୀନୀ ସସ୍ମିତା ଗୁମାନସିଂହ ମିଳିତ ଭାବରେ ଜଟଣୀ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକ ବାଇକ ରାଲିରେ ତରାବୋଇ ଗ୍ରାମପଂଚାୟତର ବିଭିନ୍ନ ଗ୍ରାମକୁ ଯାଇ ଭୋଟ ଭିକ୍ଷା କରିବା ସମୟରେ ବିପୁଳ ଜନ ସମର୍ଥନ ଦେଖିବାକୁ ମିଳିଥିଲା । ଏଥିରୁ ସ୍ପଷ୍ଟ ଅନୁମାନ କହି ହେଉଛି ଯେ, କଂଗ୍ରେସ ଦଳ ପ୍ରତି ଏବଂ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କ ପ୍ରତି ତରାବୋଇ ଗ୍ରାମପଂଚାୟତର ଜନ ସାଧାରଣଙ୍କର ଜନ ସମର୍ଥନ ରହିଛି । ଏହି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ତରାବୋଇ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀନୀ ସାକିରା ଅବରାର ସମିତି ସଭ୍ୟ ପ୍ରାର୍ଥୀ ମୀନକେତନ ଚମ୍ପତି ଏବଂ ଜିଲ୍ଲାପରିଷଦ ପ୍ରାର୍ଥୀନୀ ସସ୍ମିତା ଗୁମାନସିଂହଙ୍କ ବିଜୟ ସୁନିଶ୍ଚିତ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ସିଡବ୍ଲୁଡିଏସ ଦ୍ୱାରା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳର ସଦସ୍ୟମାନଙ୍କୁ ଜରୁରୀକାଳୀନ ପ୍ରାଥମିକ ଉପଚାର ତାଲିମ

ଓଡ଼ିଶାର ଦୃଷ୍ଟିଶକ୍ତି ଦୁର୍ବଳ ମହିଳା କ୍ରିକେଟ୍ ଦଳର ପରୀକ୍ଷା ଏବଂ ପ୍ରସ୍ତୁତି କୋଚିଂ ଶିବିର , କ୍ରିକେଟ୍ ଆସୋସିଏସନ୍ ଫର ଭିଜୁଆଲ୍ ଇମ୍ପେୟାରଡ ଓଡିଶା ଦ୍ୱାରା ଓ ଆନ୍ତର୍ଜାତୀୟ ଖେଳାଳୀ ସୁଖରାମ ମାଝୀ ଙ୍କ ପ୍ରଶିକ୍ଷଣ ରେ ହାଇଟେକ ମେଡିକାଲ ପଡିଆରେ ଅନୁଷ୍ଠିତ ହେଉଅଛି ଓ ଯେଉଁ ମାନେ ଚୟନ ହେବେ ସେମାନେ ୨୮ ଫେବୃଆରୀରୁ ୫ ମାର୍ଚ୍ଚ ୨୦୨୨ପର୍ଯ୍ୟନ୍ତ କର୍ଣ୍ଣାଟକର ବାଙ୍ଗଲୋରରେ ଦୃଷ୍ଟିହୀନଙ୍କ ପାଇଁ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ମହିଳା କ୍ରିକେଟ୍ ଟୁର୍ନାମେଣ୍ଟରେ ଭାଗନେବେ ଇ କ୍ରିକେଟ ଖେଳ ସମୟରେ ବହୁ ଜଣ ଆହତ ହୋଇଥାନ୍ତି ଓ ଏହାକୁ ନଜରରେ ରଖି, ଚେୟାରମ୍ୟାନ୍, ଶିଶୁ ଏବଂ ମହିଳା ବିକାଶ ସୋସାଇଟି (ସିଡବ୍ଲୁଡିଏସ ) ମେଜର ଡକ୍ଟର କଳ୍ପନା ଦାସଙ୍କ ଅଧ୍ୟକ୍ଷତାରେ , ସିଡବ୍ଲୁଡିଏସ ଓ କ୍ରିକେଟ୍ ଆସେସିଏସନ୍ ଫର୍ ଭିଜୁଆଲ୍ ଇମପେୟାରଡ ର ମିଳିତ ପ୍ରୟାସରେ ଏହି ଖେଳାଳିମାନଙ୍କୁ ନେଇ ଏକ ଜରୁରୀକାଳୀନ ଯତ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଡକ୍ଟର ବିକାସ ପ୍ରସାଦ ଏବଂ ଡକ୍ଟର



ସୁଶୀଲ କୁମାର ପଟ୍ଟନାୟକ ରକ୍ତସ୍ରାବ ପରିଚାଳନା, ଅସ୍ଥି ଭଙ୍ଗ ପରିଚାଳନା ଇତ୍ୟାଦି ଉପରେ କିଛି କୌଶଳ ପ୍ରଦର୍ଶନ କରିଥିଲେ ଯାହା ଦ୍ୱାରା ଯଦି କୌଣସୀ ଜରୁରୀକାଳୀନ ପରିସ୍ଥିତି ଉପୁଜେ ତେବେ ଜଣେ ଖେଳାଳିଙ୍କୁ ଜରୁରୀକାଳୀନ ଚିକିତ୍ସା ଦିଆଯାଇ ତାର ପୀଡାକୁ ଉପଶମ କରି ଜୀବନ ରକ୍ଷା କରିହେବ । ଏହି ଖେଳାଳିଙ୍କ ଯତ୍ନ ନେବା ପାଇଁ ଲିଙ୍ଗରାଜ ରାଉତରା, ଚିନ୍ମୟ ସାହୁ, ସାଗୁପ୍ତା ପାରୱିନ୍ ଏବଂ ଅନିନ୍ଦିତା ପରି ସହାୟକ କର୍ମଚାରୀ ନିୟୋଜିତ ଅଛନ୍ତି ।ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ କରିବା ପାଇଁ ସବୁ ପ୍ରକାର ସୁବିଧା ଯୋଗେଇ ଦେଇଥିବା ଯୋଗୁ, ଅନୁଷ୍ଠାନ ପକ୍ଷରୁ ହାଇଟେକ ଗ୍ରୁପ ର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ ଙ୍କୁ ଧନ୍ୟବାଦ ଦିଆଯାଇଥିଲା ଓଏହି କାର୍ଯ୍ୟକ୍ରମରେ ହାଇଟେକ ଶିକ୍ଷାନୁଷ୍ଠାନର କ୍ରୀଡା ଏବଂ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ଲଳିତ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେଓ

## ଟ୍ରେନ ଯାତ୍ରୀଙ୍କୁ ଶିଷ୍ଟାଚାର ରକ୍ଷାପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଅଭିଯାନ

ଭୁବନେଶ୍ୱର,(ପି.ଏନ): ଟ୍ରେନ୍ ରେ ଯାତ୍ରା ସମୟରେ ଯାତ୍ରୀମାନଙ୍କ ମଧ୍ୟରେ ଶାଳୀନତା ଏବଂ ଶିଷ୍ଟାଚାର ବଜାୟ ରଖିବା ପାଇଁ ପୂର୍ବତଟ ରେଳପଥ ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି ।ଟ୍ରେନରେ ଯାତ୍ରା ସମୟରେ ଜନସାଧାରଣଙ୍କ ମଧ୍ୟରେ ଶିଷ୍ଟାଚାର ସମ୍ବନ୍ଧରେ ଯାତ୍ରୀମାନଙ୍କୁ ପରାମର୍ଶ ଦେବା ପାଇଁ ଟିକେଟ୍ ଯାଂଚ କର୍ମଚାରୀ ମାନଙ୍କ ସହିତ ରେଳବାଇ ସୁରକ୍ଷା ବଳ (ଆରପିଏଫ୍), କ୍ୟାଟରିଂ, ଇଲେକ୍ଟ୍ରିକାଲ୍ ଏବଂ ମେକାନିକାଲ୍ କର୍ମଚାରୀଙ୍କ ସମେତ ଅନ୍-ବୋର୍ଡ ଟ୍ରେନ୍ କର୍ମଚାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।ଯାତ୍ରୀମାନଙ୍କୁ ସହ-ଯାତ୍ରୀମାନଙ୍କର କୌଣସି ପ୍ରକାର ଅସୁବିଧା ନକରିବାକୁ ପରାମର୍ଶ ଦିଆଯାଉଛି । ଯେପରିକି ଉଚ୍ଚ ସ୍ୱରରେ ଫୋନ୍ ମାଧ୍ୟମରେ କଥାବାର୍ତ୍ତା କିମ୍ବା ଉଚ୍ଚ ସ୍ୱର ସ୍ତରର ସଂଗୀତ ଶୁଣିବା ଇତ୍ୟାଦିରୁ ଦୂରେଇ ରହିବା, ରାତ୍ରି ୧୦ ଟାରୁ କମ୍ପାର୍ଟମେଂଣଟ ମଧ୍ୟରେ ଫୋକସ୍ ଲାଇଟ୍ ବ୍ୟତୀତ କ୍ୟାବିନରେ ଥିବା ଲାଇଟ୍ ବ୍ୟବହାର ନକରିବା ଏବଂ ୧୦ଟା ପରେ କମ୍ପାର୍ଟମେଂଟରେ ସାଧାରଣ ଆଲୋଚନାର ଶବ୍ଦ / ଶବ୍ଦ ସ୍ତରକୁ କମ୍ କରିବାକୁ କୁହାଯାଇଛି ।

## ଭୋଟ ବାକ୍ସ ଲୁଟ ଉଦ୍ୟମ ବିଫଳ; ଘଟଣାସ୍ଥଳରେ ଉତ୍ତେଜନା



ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୁରୁଣ୍ଟିସ୍ଥିତ ୧୧ନମ୍ବର ବୁଥରୁ ଭୋଟ ବାକ୍ସକୁ ସମ୍ପୃକ୍ତ ମତଦାନ କେନ୍ଦ୍ର କର୍ମଚାରୀ ନେଇ ପଳାଇବାରୁ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଆଜି ସେହି କେନ୍ଦ୍ରରେ ମତଦାନ ସୁରୁଖୁରୁରେ ଚାଲିଥିଲାବେଳେ କେନ୍ଦ୍ର ଦାୟିତ୍ୱରେ ଥିବା ଜନୈକ କର୍ମଚାରୀ ହଠାତ ଭୋଟ ବାକ୍ସକୁ ଏକ ବାଇକରେ ନେଇ ପଳାଇବାରୁ ଲୋକମାନେ ହତବାକ ହୋଇଯାଇଥିଲେ । ଏ ନେଇ ଥାନାକୁ ଖବର ଦିଆଯିବାରୁ ସଦର ଥାନା ପୋଲିସ ସମ୍ପୃକ୍ତ କର୍ମଚାରୀ ଜଣକୁ ପିଛା କରି ଫୁଲନଖରା-ନିଆଳି ରାସ୍ତାର ନଖରା ନିକଟରେ ଠାବ କରିଥିଲା ଓ ତାଙ୍କଠାରୁ ଭୋଟ ବାକ୍ସକୁ ଉଦ୍ଧାର କରି କୁରୁଣ୍ଟି ଫେରିଥିଲା । ତେବେ ସେହି ବାକ୍ସରେ ଥିବା ବ୍ୟାଲଟ ପେପରରେ ହେରଫେର ହୋଇଥିବା ସନ୍ଦେହ କରି ଲୋକମାନେ ପ୍ରବଳ ପାଟିତୁଣ୍ଡ କରିବା ସହିତ ବୁଥ ସମ୍ମୁଖରେ ଧାରଣା ଦେଇଥିଲେ । ଏହି ଖବର ପାଇ ଏସିପି ପ୍ରତୀକ ସିଂହ, ଆଇଆଇସି ସୁଧାଂଶୁଭୂଷଣ ଜେନା ଓ ଅନ୍ୟ ପୋଲିସ ଅଧିକାରୀମାନେ କୁରୁଣ୍ଟିରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ । ଭୋଟ ଗଣତି ଦିନ ଯଦି କାହାର ସନ୍ଦେହ ହୁଏ ତେବେ ଅଭିଯୋଗ କଲେ ଯାହାକିଛି ପଦକ୍ଷେପ ନିଆଯିବବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଏ ଧରଣର ଘଟଣା ବ୍ରାହ୍ମଣଝରିଲୋ ଅଞ୍ଚଳରେ ପ୍ରଥମବୋଲି ଶୁଣିବାକୁ ମିଳୁଛି । ଅନ୍ୟପକ୍ଷରେ ସଦର ଥାନା ଅନ୍ତର୍ଗତ ନଗରୀ, କୋରକରା, କୁରାଙ୍ଗଶାସନ, ସାଇଁଶୋ, ଉଷୁମା, ହରିଅନ୍ତା, ଖଳର୍ଦ୍ଧା ଆଦି ପଞ୍ଚାୟତରେ ଭୋଟ ଗ୍ରହଣ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାପଡ଼ିଛି ।

## ତୃତୀୟ ପର୍ଯ୍ୟାୟରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ କମିଶନଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ । ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଉଭୟ ବିଜେଡ଼ି ଓ ବିଜେପି ରାଜ୍ୟରେ ଯେଉଁ ହିଂସାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି ତାହା ରାଜ୍ୟ ଓ ରାଜ୍ୟ ବାସୀଙ୍କ ପାଇଁ କ୍ଷତିକାରକ ବୋଲି ନିର୍ବାଚନ କମିଶନଙ୍କ ପାଖରେ ଅବଗତ କରାଇଛି କଂଗ୍ରେସ । ତତ୍ସହିତ କେତେକ ଅଭିଯୋଗର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉଥିବା ପରିପ୍ରେକ୍ଷୀରେ କମିଶନଙ୍କୁ ଧନ୍ୟବାଦ ମଧ୍ୟ ଅର୍ପଣ କରିଛି ଏବଂ ପରବର୍ତୀ ପର୍ଯ୍ୟାୟରେ ଆହୁରି ଶକ୍ତ ଭାବେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି କଂଗ୍ରେସର ପ୍ରତିନିଧି ଦଳ । ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହୋଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଲମ୍ପା ନିବାସୀ ଦୟାନିଧି ସେଠୀଙ୍କ ବାସଭବନ ସାମନାରେ ଛିଆହୋଇଥିବା ତାଙ୍କର କାରକୁ ୧୬ ତାରିଖ ରାତିରେ ଓଲମ୍ପା ପଂଚାୟତର ସରପଂଚ ପ୍ରାର୍ଥୀ ସୁଧାକର ସ୍ୱାଇଁ ଓ ତାଙ୍କର କେତେକ ସମର୍ଥକ ପୋଡ଼ି ଦେଇଥିଲେ । ସକାଳେ ଧମକ ଦେଲେ ରାତିରେ କାର ପୋଡ଼ିଲେ । ୧୭ ତାରିଖରେ ଶ୍ରୀ ସେଠୀ ବଡ଼ଗଡ଼ ଥାନରେ ଅଭିଯୋଗ କରିଛନ୍ତି କିନ୍ତୁ



ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ । ଏହି ଅଭିଯୁକ୍ତମାନେ ଶାସକ ବିଜୁ ଜନତା ଦଳର କର୍ମୀ ତେଣୁ ପୋଲିସ ଜାଣିସୁଣି ଘଟଣାକୁ ଠିକ୍‌ଭାବେ ତଦନ୍ତ କରୁନାହିଁ । ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ଅର୍ଥ ପରୋକ୍ଷରେ ତାକୁ ଆଉ ଏକ ଅପରାଧ ଘଟାଇବାକୁ ଉତ୍ସାହିତ କରିବା ସଂଗେ ସମାନ । ପୋଲିସର ଏତାଦୃଶ ଆଚରଣ ଜାରି ରହିଲେ ବିଜୁ ଜନତର ଦଳର ସମର୍ଥକ ମାନେ ଭାବିବେ ଯେ ପୋଲିସ ଓ ପ୍ରଶାସନ ତାଙ୍କ ପକେଟରେ ଅଛି, ତାହାହେଲେ ଶାନ୍ତିପୂର୍ଣ୍ଣ ନିରପେକ୍ଷ ନିର୍ବାଚନ ହେବା କିଭଳି ସମ୍ଭବ ? ପୁନଶ୍ଚ ଆସନ୍ତାକାଲି ଅର୍ଥାତ ୨୦ ଫେବୃଆରୀରେ ଗାମ ଜିଲ୍ଲାରେ ଧରାକୋଟ ବ୍ଲକରେ ନିର୍ବାଚନ ଅଛି । ଶାସକ ବିଜୁ ଜନତା ଦଳର ନେତା ଓ କର୍ମୀମାନେ ସମଗ୍ର ଧରାକୋଟ ବ୍ଲକର ଭୋଟରମାନଙ୍କୁ ନିଜ ସପକ୍ଷରେ ନେବାପାଇଁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି । ଏପରିକି ଓଲମ୍ପା ଗ୍ରାମପଂଚାୟତ, ଧରାକୋଟ ଗ୍ରାମ ପଂଚାୟତ, ଜାହାଡ଼ା ଗ୍ରାମ ପଂଚାୟତ, ଝାଡ଼ବନ୍ଧ ଗ୍ରାମ ପଂଚାୟତ, ମୁଣ୍ଡାମରାଇ ଗ୍ରାମପଂଚାୟତ ରେ ବୁଥ ଜବରଦଖଲ କରିବା ଆଶଙ୍କାକୁ ମଧ୍ୟ କଦାପି ଅସ୍ୱୀକାର କରାଯାଇ ନପାରେ । ଏଣୁ ତୁରନ୍ତ କମିଶନ ଏ ସବୁ ଅଂଚଳରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରିବା ପାଇଁ ଗାମ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେବା ପାଇଁ ଦାବି କରିବା ସହ ମୁକ୍ତ ଓ ଅବାଧ ନିର୍ବାଚନ କରାଇବାକୁ ଦାବି କରିଛି । ଏହି ପ୍ରତିନିଧି ମଣ୍ଡଳୀରେ ପ୍ରଦେଶ କଂଗ୍ରେସ ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ଶ୍ରୀ ମନୋଜ ମହାପାତ୍ର, ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ସଂପାଦକ ସୁବ୍ରତ ମହାପାତ୍ର କମିଶନଙ୍କୁ ଭେଟି ସ୍ମାରକ ପତ୍ର ଦେଇଥିଲେ ।

## ସତ୍ୟବାଦୀ ଓ ପୁରୀ ସଦର ବ୍ଲକରେ ତୃତୀୟ ପର୍ଯ୍ୟାୟ ମତଦାନ

କୋଣାର୍କ,(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଆସନ୍ତାକାଲି ଅର୍ଥାତ ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ହେବ । ସତ୍ୟବାଦୀ ବ୍ଲକର ୨୪ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୩୦୫ଟି ୱାର୍ଡ, ୩ଟି ଜିଲ୍ଲା ପରିଷଦ ଜୋନ ଏବଂ ପୁରୀ ସଦର ବ୍ଲକର ୩୦ଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ୪୨୩ଟି ୱାର୍ଡ, ୩ଟି ଜିଲ୍ଲା ପରିଷଦ ଜୋନ ନିମନ୍ତେ ମତଦାନ ହେବ । ଉକ୍ତ ଦୁଇଟି ବ୍ଲକର ୫୪ଟି ଗ୍ରାମ ପଞ୍ଚାୟତର ୭୨୮ଟି ୱାର୍ଡ ଓ ୬ଟି ଜିଲ୍ଲା ପରିଷଦ ଜୋନରେ ମତଦାନ ହେବ । ସତ୍ୟବାଦୀରେ ୮୩ଜଣ ସରପଞ୍ଚ, ୮୬ ଜଣ ସମିତି ସଭ୍ୟ, ୮୨୨ ଜଣ ୱାର୍ଡମେମ୍ବର, ୨୪ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ, ପୁରୀ ସଦର ବ୍ଲକରେ ୧୨୫ ଜଣ ସରପଞ୍ଚ, ୯୭ଜଣ ସମିତି ସଭ୍ୟ, ୮୩୫ ଜଣ ୱାର୍ଡମେମ୍ବର, ୧୬ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ଏହି ପର୍ଯ୍ୟାୟରେ ସତ୍ୟବାଦୀ ବ୍ଲକରେ ୯୪୧୭୨ ଜଣ ଭୋଟର, ପୁରୀ ସଦରର ୧୨୪୮୦୧ ଜଣ ଭୋଟରଙ୍କୁ ମିଶାଇ ମୋଟ ୨୧୮୯୭୩ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ଏଥିନିମନ୍ତେ ସତ୍ୟବାଦୀ ପାଇଁ ୨୪ ଜଣ ଏବଂ ପୁରୀ ସଦର ପାଇଁ ୨୯ ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି । ଉଭୟ ବ୍ଲକରେ ୧୫୧ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଛି । ଏତଦବ୍ୟତୀତ ସତ୍ୟବାଦୀ ବ୍ଲକର ପେଣ୍ଠପଡା ପଞ୍ଚାୟତର ୬ନଂ ୱାର୍ଡ, ପୁରୀ ସଦରର ଗୋପିନାଥପୁର ପଞ୍ଚାୟତର ୫ନଂ ୱାର୍ଡକୁ ପିଙ୍କ ବୁଥ ଭାବେ ବ୍ୟବସ୍ଥା କରାଯାଇଛି ଯେଉଁଠାରେ ମତଦାନ ପରିଚାଳନା ନିମନ୍ତେ ସମସ୍ତ ପୋଲିଂ କର୍ମଚାରୀ ମହିଳା ହିଁ ରହିବେ । ଗତକାଲି ଠାରୁ ପୋଲିଂ ପାର୍ଟିମାନେ ସଂପୃକ୍ତ ବ୍ଲକରେ ରିପୋର୍ଟିଂ କରିବା ପରେ ସେମାନଙ୍କ ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି ।

## ଶିକ୍ଷା-ଫିନଟେକ୍ ପ୍ଲାଟଫର୍ମ ପ୍ରୋପେଲଡ୍ ୨୬୨ କୋଟି ଟଙ୍କା ସିରିଜ୍ ବି ପାଣ୍ଠିରୁ ସଂଗ୍ରହ କରିଛି



ଭୁବନେଶ୍ୱର,(ପି.ଏନ): ଶିକ୍ଷା-ଫିନଟେକ୍ ପ୍ଲାଟଫର୍ମ ପ୍ରୋପେଲଡ୍ ସିରିଜ୍-ବି ରାଉଣ୍ଡରେ ୨୬୨ କୋଟି ଟଙ୍କା ସଂଗ୍ରହ କରିଛି । ୱେଷ୍ଟବ୍ରିଜ୍ କ୍ୟାପିଟାଲ୍ ଦ୍ୱାରା ଏହି ରାଉଣ୍ଡର ନେତୃତ୍ୱ ନେଇଥିଲେ ଏବଂ ବିଦ୍ୟମାନ ନିବେଶକ ଷ୍ଟେଲାରିସ୍ ଭିପି ଏବଂ ଇଣ୍ଡିଆ କ୍ୱୋଟିଏଂଟ ମଧ୍ୟ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ମାଟିରେ ଜନ୍ମ ନେଇଥିବା ଏବଂ ଆଇଆଇଟି ମାଡ୍ରାସରୁ ଶିକ୍ଷା ଗ୍ରହଣ କରିଥିବା ବିଭୁ ପ୍ରସାଦ ଦାସ, ଭିକ୍ଟର ସେନାପତି ଏବଂ ବ୍ରିଜେଶ ସାମନ୍ତରାୟ ୨୦୧୭ ବର୍ଷରେ ପ୍ରୋପେଲଡ୍ ପ୍ରତିଷ୍ଠା କରିଥିଲେ । ପ୍ରୋପେଲଡ୍ ସଂମ୍ପ୍ରତି ୫୫୦ ରୁ ଅଧିକ ଶିକ୍ଷାନୁଷ୍ଠାନ ସହିତ ଜଡିତ ଏବଂ ଏହାର ବାର୍ଷିକ ବିତରଣ ହାର ୬୦୦ କୋଟି ଟଙ୍କା ରହିଛି । କମ୍ପାନୀ ଏଡ୍-ଟେକ୍ ଏବଂ ଅପସ୍କିଲିଂ ବଜାରରେ ଅଗ୍ରଣୀ ଅଟେ ଏବଂ ଅପଗ୍ରେଡ, ୟୁନଏକାଡେମୀ, ବେଦାନ୍ତୁ ସହିତ ସହଭାଗୀ ହୋଇଛି । ପ୍ରୋପେଲଡ୍ ବର୍ତମାନ ବିଦ୍ୟାଳୟ, କୋଚିଂ ଏବଂ ବିଶ୍ୱବିଦ୍ୟାଳୟ ବଜାରରେ ବିସ୍ତାର ସହିତ ଭୁବନେଶ୍ୱର, କଟକ ଏବଂ ରାଉର୍‌କେଲାରେ ଆଲେନ, ଆକାଶ, ଡିପିଏସ, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ତଥା ବିଭିନ୍ନ ଜଣାଶୁଣା ଶିକ୍ଷାନୁଷ୍ଠାନଗୁଡିକ ସହିତ ସହଭାଗୀ ହୋଇଛନ୍ତି । ଏହି ପାଣ୍ଠିରୁ, ଆମେ ଲୋନ ପୁସ୍ତକକୁ ବିସ୍ତାର କରିବାକୁ ଯୋଜନା କରୁଛୁ ଯେଉଁଠାରେ ଲୋନ ପ୍ରବାହ କମ୍ ଅଟେ ଏବଂ ଛାତ୍ର ଏବଂ ଅନୁଷ୍ଠାନକୁ ଏକ ଉତମ ଉପଭୋକ୍ତା ଅଭିଜ୍ଞତା ପ୍ରଦାନ କରିବାକୁ ଆମେ ଆମର ଟେକ୍ଷ ୟିକ ପ୍ଲାଟଫର୍ମରେ ମଧ୍ୟ ଉନ୍ନତି କରୁଛୁ ।ନ୍ତଆମେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷାଗତ ସ୍ୱପ୍ନକୁ ପୂରଣ କରିବାରେ ସକ୍ଷମ ହୋଇଛୁ, ଯାହା ପାରମ୍ପାରିକ ଆର୍ଥିକ ପ୍ରତିଷ୍ଠାନ ଦ୍ୱାରା ପରିବେଷଣ କରାଯାଏ ନାହିଁ । ସହରରେ ସକ୍ରିୟ ଥିବା ଆମ ସହଭାଗୀତା ମାନଙ୍କ ଠାରୁ ଆମର ବ୍ୟବସାୟ ମଡେଲରେ ଉଲ୍ଲେଖନୀୟ ସଫଳତା ଦେଖୁଛୁ । ନ୍ତ ପ୍ରୋପେଲଡ୍‌ର ସହ-ପ୍ରତିଷ୍ଠାତା ତଥା ସିଇଓ ବିଭୁ ପ୍ରସାଦ ଦାସ କହିଛନ୍ତି ।ଶିକ୍ଷା ବଜାରରେ ଲୋନ ଅନୁକୂଳତା ବୃଦ୍ଧି କରି ଦେଶରେ ମୋଟ ନାମଲେଖା ଅନୁପାତ ବୃଦ୍ଧି କରିବାକୁ ଆମେ ଲକ୍ଷ୍ୟ ରଖିଛୁ । ବ୍ରିଜେଶ ସାମନ୍ତରାୟ ପ୍ରୋପେଲଡ୍‌ର ସହ-ପ୍ରତିଷ୍ଠାତା କହିଛନ୍ତି ।ନ୍ତମୋସନ୍ ଶିକ୍ଷା ସର୍ବଦା ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରିଆସୁଛି ଏବଂ ପ୍ରୋପେଲଡ୍ ସାହାଯ୍ୟ କରିଛି । ପାରମ୍ପାରିକ ଆର୍ଥିକ ବିକଳ୍ପ ଏହିପରି ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଯୁକ୍ତ ନୁହେଁ, ପ୍ରୋପେଲଡ୍ କୋଚିଂ ବଜାର ପାଇଁ ବିଶେଷ ଆର୍ଥିକ ଉତ୍ପାଦ ନିର୍ମାଣ କରିଛନ୍ତି । ନିତିନ ବିଜୟ, ଏମ୍‌ଡି, ମୋସନ୍ ଏଜୁକେଶନ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray